ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୨ ଜୁଲାଇ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 22 JULY 2020

Vol.No. 30 ■ No. 183 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman

ଖୋର୍ଦ୍ଧା-କଟକ ଜିଲ୍ଲା କୋଭିଡ ପରିସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

- ଡାକ୍ତରଙ୍କ ଅବସର ବୟସ ୬୨ ରୁ ୬୫କୁ ବୃଦ୍ଧି
- ଭୁବନେଶ୍ୱର-କଟକ କୋଭିଡ଼ ପରିସ୍ଥିତି ନିୟନ୍ତ୍ରଣାଧୀନ
- ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଦୁଇ ଜିଲ୍ଲାକୁ ୩୦ କୋଟି ମଂଜୁର
- ଦୁଇ ସହରର ବସ୍ତି ଉପରେ ଅଧିକ ଫୋକସ

ଭୁବନେଶ୍ୱର,୨୧।୭ (ନି.ପ୍ର): ଖୋର୍ଦ୍ଧା ଓ କଟକ ଜିଲ୍ଲାକୁ ରାଜ୍ୟ ବାହାରୁ ଏକ ଲକ୍ଷରୁ ଅଧିକ ପ୍ରବାସୀ ଆସିଥିଲେ ମଧ୍ୟ ଖୋର୍ଦ୍ଧା (ଭୁବନେଶ୍ୱର) ଓ କଟକ ଜିଲ୍ଲାରେ କୋଭିଡ଼ ପରିସ୍ଥିତି ନିୟନ୍ତ୍ରଣାଧିନ ଅଛି । ଖୋର୍ଦ୍ଧା ଜିଲ୍ଲାରେ ସୁସ୍ଥତା ହାର ୭୦ ପ୍ରତିଶତ ଥିବା ବେଳେ କଟକ ଜିଲ୍ଲାରେ ଏହା ୭୧ ପ୍ରତିଶତ ରହିଛି, ଯାହାକି ଜାତୀୟ ହାର ୬୩ ପ୍ରତିଶତରୁ ଅଧିକ ଅଟେ । ଏଥିପାଇଁ ଆଜି ଦୁଇ ଜିଲ୍ଲାର କୋଭିଡ଼ ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୋର୍ଦ୍ଧା ଓ କଟକ ଜିଲ୍ଲାରକୋଭିଡ଼ ପରିଚାଳନା ଟମ୍‌କୁ ଧନ୍ୟବାଦ ଜଣାଇଥିଲେ । ଏହା ସହିତ କୋଭିଡ଼ ପରିଚାଳନାକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଦୁଇ ଜିଲ୍ଲା ପାଇଁ ୧୫ କୋଟି ଲେଖାଏଁ ସମୁଦାୟ ୩୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଂଜୁର କରିଛନ୍ତି । ଏହା ସହିତ, ନୂଆ କୋଭିଡ଼ ଡାକ୍ତରଖାନା ଓ କୋଭିଡ଼ କେୟାର ହୋମ୍ ପରିଚାଳନା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ୨୦ କୋଟି ୬୪ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ମଂଜୁର କରିଛନ୍ତି । କୋଭିଡ଼ ପରିସ୍ଥିତିରେ ଡାକ୍ତର ମାନଙ୍କ ଗୁରୁ ଦାୟିତ୍ୱ ରହିଛି । ଏହାକୁ ଦୃଷ୍ଟିରେ ରଖି ଓଏଚଏମଏସ କ୍ୟାଡ଼ରର ଡାକ୍ତର ମାନଙ୍କ ଅବସର ବୟସକୁ ୬୨ରୁ ୬୫ ବର୍ଷକୁ ବୃଦ୍ଧି କରାଯିବା ବିଷୟ ମୁଖ୍ୟମନ୍ତ୍ରୀ ଏହି ଅବସରରେ ଘୋଷଣା କରିଥିଲେ । ଏହା ସହିତ ଲେବର ଏବଂ ଇଏସଆଇ ବିଭାଗରେ କାମ କରୁଥିବା ଇନସୁରାନ୍ସ ମେଡ଼ିକାଲ ଅଫିସର ମାନଙ୍କ ପାଇଁ ମଧ୍ୟ ଏହା ଲାଗୁ ହେବ । ଏହି ଅବସରରେ କୋଭିଡ଼-୧୯ ବିରୁଦ୍ଧରେ ଚାଲିଥିବା ଯୁଦ୍ଧରେ ସାମିଲ ହୋଇ ନୂଆ କୋଭିଡ଼ କେୟାର ହୋମ୍ ଓ କୋଭିଡ଼ କେୟାର ସେଂଟର ସ୍ଥାପନ ପାଇଁ ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ବିଭିନ୍ନ ଅନୁଷ୍ଠାନ ଓ କର୍ପୋରେଟ୍ ସେକ୍ଟର ମାନଙ୍କୁ ଆହ୍ୱାନ ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, ସ୍ୱଳ୍ପ ଓ ମଧ୍ୟମ ଲକ୍ଷଣ ଥିବା କରୋନା ରୋଗୀଙ୍କ ଚିକିତ୍ସା ପାଇଁ କୋଭିଡ଼ କେୟାର ସେଂଟର ଓ କୋଭିଡ଼ କେୟାର ହୋମ୍‌ର ପରିକଳ୍ପନା କରାଯାଇଛି । କରୋନା ଯୁଦ୍ଧରେ ଆଗ ଧାଡ଼ିରେ ଥିବା କୋଭିଡ଼ ଯୋଦ୍ଧା ମାନଙ୍କର ଉପଯୁକ୍ତ ଯତ୍ନ ନେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହା ସହିତ କଟକ ଏସସିବିକୁ ରାଜ୍ୟର ବିଭିନ୍ନ ଅଂଚଳରୁ ପ୍ରତିଦିନ ହଜାର ହଜାର ଲୋକ ଆସୁଥିବାରୁ ଏଥିପ୍ରତି ▶▶ପୃଷ୍ଠା ୭

ପଂଚଭୂତରେ ଲୀନ ହେଲେ ବିଜୟ ମହାନ୍ତି

ଭୁବନେଶ୍ୱର ,୨୧।୭ (ନି.ପ୍ର): ପଂଚଭୂତରେ ଲୀନ ହୋଇଛି ଓଡ଼ିଆ ସିନେ ଜଗତର ଲୋକପ୍ରିୟ ଅଭିନେତା ବିଜୟ ମହାନ୍ତିଙ୍କ ପାର୍ଥିବ ଶରୀର । ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱରର ସତ୍ୟନଗର ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସ୍ୱର୍ଗତ ବିଜୟ ମହାନ୍ତିଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବିଜୟ ମହାନ୍ତିଙ୍କ ଏକମାତ୍ର ଜ୍ୱାଇଁ ମୁଖାଗ୍ନି ଦେଇଥିବା ଜଣାଯାଇଛି । ତାଙ୍କର ଶେଷକୃତ୍ୟରେ କୋଭିଡ୍ କଟକଣା ପାଇଁ ପରିବାରର ଅଳ୍ପ ସଦସ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ଓଲିଉଡର ବହୁ କଳାକାର ଉପସ୍ଥିତ ମଧ୍ୟ ଥିଲେ । ଗତକାଲି ଭୁବନେଶ୍ୱରର କେୟାର ହସ୍ପିଟାଲରେ ବିଜୟ ମହାନ୍ତିଙ୍କ ପରଲୋକ ଘଟିବା ପରେ ମଙ୍ଗଳବାର ସକାଳେ ତାଙ୍କ ମରଶରୀରକୁ ପ୍ରଥମେ ବମିଖାଲସ୍ଥିତ ବାସଭବନକୁ ନିଆଯାଇଥିଲା । ସେଠାରେ ପରିବାର ଓ ସମ୍ପର୍କୀୟ ଶେଷ ଦର୍ଶନ କରିବା ପରେ ପାର୍ଥିବ ଶରୀରକୁ ଉତ୍କଳ ସଙ୍ଗୀତ ନାଟକ ମହାବିଦ୍ୟାଳୟକୁ ନିଆଯାଇଥିଲା । ସେଠାରେ ବହୁ ସିନେ ଓ ଟିଭି ଜଗତର କଳାକାର , ବ୍ୟକ୍ତି ବିଶେଷ , ପୂର୍ବତନ ଛାତ୍ର ଶେଷ ଶ୍ରଦ୍ଧାଞ୍ଜଳି କଣାଇଥିଲେ । ଉଲ୍ଲେଖ୍ୟଯୋଗ୍ୟ ଯେ ୧୯୫୦ ମସିହା ଏପ୍ରିଲ ୮ ତାରିଖରେ ବିଜୟଙ୍କର ଜନ୍ମ ହୋଇଥିଲା । ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା । ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ହୋଇଥିଲା । ୪୩ ବର୍ଷର ଅଭିନୟ ଜୀବନରେ ସେ ୧୮୦ରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ଓଡ଼ିଆ ଚଳଚ୍ଚିତ୍ର ଜଗତର ସର୍ବୋଚ୍ଚ ସମ୍ମାନ 'ଜୟଦେବ ପୁରସ୍କାର' ସହିତ ୬ ଥର ରାଜ୍ୟ ଚଳଚ୍ଚିତ୍ର ସମ୍ମାନ ପାଇଥିଲେ । ତାଙ୍କ ପରଲୋକରେ ପୁରା ଓଲିଉଡ୍ ରେ ଶୋକର ଛାୟା ଖେଳିଯାଇଛି ।

ମଧ୍ୟ ପ୍ରଦେଶର ରାଜ୍ୟପାଳ ଲାଲଜୀ ଟଣ୍ଡନଙ୍କ ପରଲୋକ

ନୂଆଦିଲ୍ଲୀ,୨୧।୭ (ନି.ପ୍ର): ମଧ୍ୟ ପ୍ରଦେଶର ରାଜ୍ୟପାଳ ଲାଲଜୀ ଟଣ୍ଡନଙ୍କ ଦେହାବସାନ ଘଟିଛି । ମଙ୍ଗଳବାର ଦିନ ସକାଳ ୫.୩୫ ମିନିଟରେ ଲକ୍ଷ୍ନୌର ମେଦାନ୍ତା ହସପିଟାଲରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ପୁଅ ଆଶୁତୋଷ ଟ୍ୱିଟର ମାଧ୍ୟମରେ ତାଙ୍କର ମୃତ୍ୟୁ ସମ୍ପର୍କିତ ସୂଚନା ଦେଇଛନ୍ତି । ଉଲ୍ଲେଖନୀୟ ଯେ ୮୫ ବର୍ଷୀୟ ଲାଲଜୀ ଟଣ୍ଡନ ଅନେକ ଦିନ ଦିନ ଧରି ମେଦାନ୍ତ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ଗତ ଜୁନ ମାସ ୧୧ ତାରିଖ ଦିନ ତାଙ୍କୁ ନିଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେବା କାରଣରୁ ତାଙ୍କୁ ମେଦାନ୍ତା ହସପିଟାଲରେ ଚିକିତ୍ସା କରା ଯାଉଥିଲା। ପରବର୍ତି ସମୟରେ ତାଙ୍କର ଲିଭରରେ ସମସ୍ୟା ଦେଖା ଦେଇଥିଲା । ଜୁନ ୧୪ରେ ତାଙ୍କର ଇମରେଜନ୍ସି ଅପରେସନ କରା ଯାଇଥିଲା । ତା ପରେ ତାଙ୍କର ସ୍ଥିତି ଖରାପ ହେବାରୁ ତାଙ୍କୁ ଭେଂଟିଲେଟରରେ ରଖା ଯାଇଥିଲା ।

ମଧ୍ୟ ପ୍ରଦେଶର ରାଜ୍ୟପାଳ ଲାଲଜୀ ଟଣ୍ଡନଙ୍କ ଦେହାବସାନରେ ପ୍ରଧାନମନ୍ତ୍ରୀଙ୍କ ଶୋକ

ନୂଆଦିଲ୍ଲୀ,୨୧।୭ (ନି.ପ୍ର): ମଧ୍ୟ ପ୍ରଦେଶର ରାଜ୍ୟପାଳ ଲାଲଜୀ ଟଣ୍ଡନଙ୍କ ଦେହାବସାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକ ପ୍ରକାଶ କରିଛନ୍ତି । ତାଙ୍କର ଦେହାବସାନ ସମ୍ପର୍କରେ ସୂଚନା ପାଇବା ପରେ ପ୍ରଧାନମନ୍ତ୍ରୀ ମୋଦି ଟ୍ୱିଟ କରି କହିଥିଲେ ଯେ ଲାଲଜୀ ଟଣ୍ଡନଙ୍କୁ ତାଙ୍କର ସମାଜସେବା ପାଇଁ ସବୁବେଳେ ମନେ ରଖା ଯିବ । ସେ ଉତର ପ୍ରଦେଶରେ ବିଜେପିକୁ ଶକ୍ତିଶାଳୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ସାଂସଦ ଶିବ ପ୍ରତାପ ଶୁକ୍ଳାଙ୍କୁ ରାଜ୍ୟସଭାରେ ମୁଖ୍ୟ ହ୍ୱିପ୍ ଭାବେ ନିଯୁକ୍ତି

ନୂଆଦିଲ୍ଲୀ, ୨୧ ଜୁଲାଇ (ହି.ସ.) ଭାରତୀୟ ଜନତା ପାର୍ଟି (ବିଜେପି) ସାଂସଦ ଶିବ ପ୍ରତାପ ଶୁକ୍ଳାଙ୍କୁ ରାଜ୍ୟସଭାରେ ମୁଖ୍ୟ ହ୍ୱିପ ଭାବେ ନିଯୁକ୍ତି ଦିଆଯାଇଛି । ଏହା ସହ ଶୁକ୍ଳାଙ୍କୁ ଉପର ଗୃହରେ ଦଳ ପାଇଁ ହୁଇପ ଜାରି କରିବାର ଦାୟିତ୍ୱ ରହିବ । ଉଲ୍ଲେଖନୀୟ ଯେ ଶିବ ପ୍ରତାପ ଶୁକ୍ଳାଙ୍କୁ ଜଣେ ପୁରୁଣା ବିଜେପି ନେତା । ସେ ଉତରପ୍ରଦେଶର ଗୋରଖପୁର ଅଂଚଳର । ୭୦ ଦଶକରେ ଶୁକ୍ଳା ଛାତ୍ର ରାଜନୀତିରେ ଥିଲେ ଏବଂ ଜରୁରୀକାଳୀନ ପରିସ୍ଥିତିରେ ସେ ୧୯ ମାସ ଜେଲରେ ରହିଥିଲେ । ସେ ଚାରିଥର ବିଧାୟକ ତଥା ରାଜ୍ୟ ବିଜେପି ସରକାରରେ ମଧ୍ୟ ମନ୍ତ୍ରୀ ରହିଛନ୍ତି ।

ରାଜ୍ୟରେ ଆଉ ୬୪୭ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ ମାମଲା ୧୮୭୫୭କୁ ବୃଦ୍ଧି

ଭୁବନେଶ୍ୱର,୨୧।୭ (ନି.ପ୍ର): ରାଜ୍ୟରେ ଆଜି ଆଉ ୬୭୩ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୧୮୭୫୭ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୬୪୭ ଜଣଙ୍କ ମଧ୍ୟରୁ ୪୩୧ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୨୧୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ଜିଲ୍ଲାରେ ସବୁଠାରୁ ଅଧିକ ୨୨୫ ଟି ନୂଆ ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୩୭ , ବାଲେଶ୍ୱର ଜିଲ୍ଲାରେ ୪୦ ଜଣ, ବରଗଡ ଜିଲ୍ଲାରେ ୦୪, ଭଦ୍ରକ ଜିଲ୍ଲାରେ ୧୨ , ବଲାଙ୍ଗୀର ଜିଲ୍ଲାରେ ୫. କଟକ ଜିଲ୍ଲାରେ ୮୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଢେଙ୍କାନାଳ ଜିଲ୍ଲାରେ ୧୦, ଜଗତସିଂହପୁର ଜିଲ୍ଲାରେ ୭, ଯାଜପୁର ଜିଲ୍ଲାରେ ୨, କନ୍ଧମାଳ ଜିଲ୍ଲାରେ ୫, କେନ୍ଦ୍ରାପଡା ଜିଲ୍ଲାରେ ୧୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝର ଜିଲ୍ଲାରେ ୮ , ଖୋର୍ଧା ଜିଲ୍ଲାରେ ୬୮ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୨୮ ଜଣ, ମାଲକାନଗିରି ଜିଲ୍ଲାରେ ୧୦, ମୟୂରଭଂଜ ଜିଲ୍ଲାରେ ୩ , ନବରଂଗପୁର ଜିଲ୍ଲାରେ ୨. ନୟାଗଡ ଜିଲ୍ଲାରେ ୪, ରାୟଗଡା ଜିଲ୍ଲାରେ ୪୭ କୋରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।, ସମ୍ବଲପୁର ଜିଲ୍ଲାରେ ୧୦ ଜଣ, ସୋନପୁର ଜିଲ୍ଲାରେ ୧ ତଥା ସୁନ୍ଦରଗଡ ଜିଲ୍ଲାରେ ୨୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ରାଜ୍ୟରେ ଆଉ ଛଅ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୧୦୩ ହେଲା

ଭୁବନେଶ୍ୱର,୨୧।୭ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୬ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୦୩ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ କେନ୍ଦ୍ରାପଡା, କଟକ, ଗଜପତି, ଜଗତସିଂହପୁର, ଖୋର୍ଧା ତଥା ରାୟଗଡା ଜିଲ୍ଲାର ଜଣେ ଜଣେ ଅଛନ୍ତି । ଏମାନଙ୍କ ମଧ୍ୟରେ ଜଣେ ମହିଳା ଥିବା ଜଣା ପଡିଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କେନ୍ଦ୍ରାପଡା ଜିଲ୍ଲାର ୬୩ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ, ହାଇପରଟେନସନ ରୋଗରେ ପୀଡିତ ଥିଲେ । ସେହିପରି କଟକ ଜିଲ୍ଲାର ଜଣେ ୨୬ ଜଣିଆ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଛି । ସେ ମଧ୍ୟ ଡାଇବେଟିସ ଓ ହାଇପର ଟେନସନ ରୋଗରେ ପୀଡିତ ଥିଲେ । ଗଜପତି ଜିଲ୍ଲାର ୬୮ ବର୍ଷୀୟ ବୟସ୍କ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧ୍ୟ ଡାଇବେଟିସ ଓ ହାଇପର ଟେନସନ ରୋଗରେ ପୀଡିତ ଥିଲେ । ସେହିପରି ଜଗତସିଂହପୁର ଜିଲ୍ଲାର ୫୮ ବର୍ଷୀୟ ଜଣେ ପୁରୁଷଙ୍କ ମଧ୍ୟ ମୃତ୍ୟୁ ଘଟିଛି । ସେ ଲଙ୍ଗସ କ୍ୟାନସରରେ ପୀଡିତ ଥିଲେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେହିପରି ଖୋର୍ଧା ଜିଲ୍ଲାର ଜଣେ ୭୫ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ଘଟିଛି । ରାୟଗଡା ଜିଲ୍ଲାରେ ଜଣେ ୭୪ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେ ହାଇପର ଟେନସନରେ ପୀଡିତ ଥିଲେ ।

ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ମଧ୍ୟ ୫ ମାସ ପାଇଁ ମାଗଣା ଚାଉଳ ଓ ଡାଲି ପାଇବେ

ଭୁବନେଶ୍ୱର,୨୧।୭ (ନି.ପ୍ର): କରୋନା ସଂକ୍ରମଣ ଏବଂ ତଦ୍‌ଜନିତ ଲକ୍‌ଡାଉନ ଓ ସଟ୍‌ଡାଉନ ଗରିବ ଲୋକଙ୍କ ଜୀବିକା ଉପରେ ବିଶେଷ ପ୍ରଭାବ ପକାଇଛି । ତେଣୁ ଗରିବ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ମାନଙ୍କୁ ଜୁଲାଇରୁ ନଭେମ୍ବର ପର୍ଯ୍ୟନ୍ତ ୫ ମାସ ମାଗଣାରେ ଡାଲି ଓ ଚାଉଳ ସାଧାରର ବଂଟନ ବ୍ୟବସ୍ଥା ଜରିଆରେ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହାଦ୍ୱାରା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ମାନଙ୍କୁ ପ୍ରତି ମାସରେ ମୁଣ୍ଡପିଛା ୫ କେଜି ଲେଖାଏଁ ଚାଉଳ ୫ ମାସ ପାଇଁ ମାଗଣା ଯୋଗାଇ ଦିଆଯିବ ।ଏହା ସହିତ ପ୍ରତି ମାସରେ ପରିବାର ପିଛା ଏକ କେଜି ଲେଖାଏଁ ଡାଲି ମଧ୍ୟ ନଭେମ୍ବର ପର୍ଯ୍ୟନ୍ତ ମାଗଣାରେ ଯୋଗାଇ ଦିଆଯିବ । ଏହା ଦ୍ୱାରା ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ସୁବିଧାରୁ ବାଦ ପଡ଼ିଥିବା ଲକ୍ଷ ଲକ୍ଷ ହିତାଧିକାରୀମାନେ ଉପକାର ପାଇପାରିବେ ।

କରୋନା ସଚେତନତା ଦିଗରେ ଇସ୍ପାତ୍ ମନ୍ତ୍ରଣାଳୟର ୱେବିନାର

ଆଗାମୀ ଦିନରେ କରୋନା ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ପଡିବ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ ଭୁବନେଶ୍ୱର,୨୧।୭ (ନି.ପ୍ର): କରୋନା ସଚେତନତା ପରିପ୍ରେକ୍ଷୀରେ ମଙ୍ଗଳବାର ଇସ୍ପାତ୍ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ "କରୋନା ସମୟରେ କାର୍ଯ୍ୟଶୈଳି" ଶୀର୍ଷକ ୱେବିନାରରେ ଯୋଗଦେଇ ଆଗାମୀ ଦିନରେ ଥିବା କରୋନା ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ପଡିବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଶ୍ୱରେ କରୋନା ମହାମାରୀ ଦୃଶ୍ୟପଟ୍ଟରେ କାର୍ଯ୍ୟର ରୂପରେଖ ବଦଳିଛି । ଏହି ଆହ୍ୱାନମୂଳକ ସମୟରେ ସମସ୍ତଙ୍କୁ ମିଳିମିଶି କରୋନାର ମୁକାବିଲା କରିବାର ଆବଶ୍ୟକତା ରହିଛି । କରୋନା ସଚେତନତା ବାର୍ତା ତଳରୁ ତଳ ସ୍ତର ପର୍ଯ୍ୟନ୍ତ ପହଁଚାଇବା ପାଇଁ ନିରନ୍ତର ପ୍ରସ୍ତୁତି କରିବା ସହ ଉଭୟ ଲୋକଙ୍କ ଜୀବନଜୀବିକାକୁ ଗୁରୁତ୍ୱ ଦେଇ ଆଗକୁ ବଢିବାକୁ ପଡିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ରାଷ୍ଟ୍ର ଇସ୍ପାତ୍ ମନ୍ତ୍ରୀ ଫଗନ ସିଂହ କୁଲସ୍ତେ ଏହି ଅବସରରେ କରୋନା ମୁକାବିଲାରେ ଇସ୍ପାତ୍ ସିପିଏସଇର ଭୂମିକା ଉପରେ ଆଲୋକପାତ କରିବା ସହ କହିଥିଲେ ଯେ କରୋନା ସମୟରେ ଲୋକଙ୍କୁ ଅଧିକରୁ ଅଧିକ ସଚେତନତା କରିବାର ଆବଶ୍ୟକତା ରହିଛି । ଭାରତ ସରକାରଙ୍କ ପକ୍ଷରୁ କରୋନା ମୁକାବିଲା ପାଇଁ ଅନେକ ପଦକ୍ଷେପ ନିଆଯାଇଛି । ସାଂପ୍ରତିକ ସମୟରେ ଗ୍ରାମୀଣ ଅଂଚଳରେ ବସବାସ କରୁଥିବା ବିଶେଷଭାବରେ ଜନଜାତିଙ୍କୁ କରୋନା ମହାମାରୀରୁ ରକ୍ଷା କରିବା ପାଇଁ ସଚେତନତା କରିବା ଦରକାର ବୋଲି ଶ୍ରୀ କୁଲସ୍ତେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ନୂଆଦିଲ୍ଲୀ ଏମ୍ସର ନିର୍ଦ୍ଦେଶକ ଡା. ରଣଦୀପ ଗୁଲେରିଆ କହିଛନ୍ତି କରୋନା ଭାଇରସ ମାନବଜାତି ପାଇଁ ନୂଆ ଅଟେ । ▶▶ପୃଷ୍ଠା ୭

ସୁସ୍ଥ ହେଲେ ଆଉ ୪୦୦ ଆକ୍ରାନ୍ତ

ଭୁବନେଶ୍ୱର ,୨୧।୭ (ନି.ପ୍ର): ରାଜ୍ୟରେ ସୁସ୍ଥ ହୋଇଛନ୍ତି ଆଉ ୪୦୦ କରୋନା ଆକ୍ରାନ୍ତ । ଏଥିସହ ସୁସ୍ଥଙ୍କ ସଂଖ୍ୟା ୧୩୩୦୯କୁ ବୃଦ୍ଧି ପାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କ

ଭୁଶୁଡି ପଡୁଛି ସ୍ୱାସ୍ଥ୍ୟସେବା : ୬୦ ଡାକ୍ତରଖାନାକୁ ୧୨ ଡାକ୍ତର

ଭଦ୍ରକ, ୨୧/୭(ହି.ସ.) - ଦୀର୍ଘଦିନ ହେଲା ଡାକ୍ତର ଓ କର୍ମଚାରୀ ଅଭାବ ଜିଲାରେ ଲାଗି ରହିଥିବାବେଳେ କରୋନା ବେଳେ ଏହା ଆହୁରି ଭୟଙ୍କର ହୋଇଛି। ଅଧିକାଂଶ ଡାକ୍ତର ନାମକୁ ମାତ୍ର ଡାକ୍ତରଖାନା ଆସୁଥିବାବେଳେ ନର୍ସ ଓ ଫାର୍ମାସିଷ୍ଟଙ୍କ ଜରିଆରେ ଚାଲିଛି ସ୍ୱାସ୍ଥ୍ୟସେବା। ରୋଗୀଙ୍କୁ କେବଳ ଭଗବାନ ଭରସା। ଭଦ୍ରକ ଜିଲାରେ ଏବେ ସରକାରୀ ସ୍ୱାସ୍ଥ୍ୟ ସେବା ସଂପୂର୍ଣ୍ଣ ଭାବେ ଭୁଶୁଡି ପଡିଲାଣି। ଭଦ୍ରକ ଜିଲାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଛାଡି ରହିଛି ୬୦ ଟି ଡାକ୍ତରଖାନା। ୬୦ ଗୋଟି ଡାକ୍ତରଖାନା ପରିଚାଳନା ଲାଗି ରହିଛନ୍ତି ମାତ୍ର ୧୨ ଜଣ ଡାକ୍ତର। ସୂଚନା ଅନୁଯାୟୀ ଭଦ୍ରକ ଜିଲାରେ ମୁଖ୍ୟ ଚିକିତ୍ସାଳୟକୁ ଛାଡି ୭ ଗୋଟି ବ୍ଲକ୍‌ରେ ରହିଛି ୭ ଗୋଟି ସିଏଚ୍‌ସି ବା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର, ୫୦ ଗୋଟି ପିଏଚ୍‌ସି (ନିୟୁ) ବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର। ଗୋଟିଏ ଏରିଆ ହସ୍‌ପିଟାଲ, ଗୋଟିଏ ଆଇ ହସ୍‌ପିଟାଲ ଏବଂ ପୁରୁଣା ବଜାର ହସ୍‌ପିଟାଲ। ଯେଉଁଥିରେ ରହିଛନ୍ତି ମାତ୍ର ୧୨ ଜଣ ଡାକ୍ତର। ସେହିପରି ଭଣ୍ଡାରିପୋଖରୀ, ଆଗରପଡା, ବାସୁଦେବପୁର ଓ ବରପଦା ସିଏଚ୍‌ସିରେ ଦୁଇଜଣ ଲେଖାଏଁ ଡାକ୍ତର ରହିଥିବାବେଳେ ଚାନ୍ଦବାଲି, ଆରଡି, ତିହିଡି, ଧାମନଗର ଡାକ୍ତରଖାନାରେ ମାତ୍ର ଦୁଇଜଣ ଲେଖାଏଁ ବିଶେଷଜ୍ଞ ରହିଛନ୍ତି। ଏହାଛଡା ଅନ୍ୟ ୫୨ଟି ଡାକ୍ତରଖାନା ଆୟୁଷ ଡାକ୍ତରଙ୍କ ଦ୍ୱାରା ଚାଲିଛି। କେବଳ ଜିଲାର ଗ୍ରାମା ଳ ଡାକ୍ତରଖାନାଗୁଡିକରେ ଏହି ସମସ୍ୟା ନୁହେଁ, ଜିଲା ମୁକ୍ୟ ଚିକିତ୍ସାଳୟରେ ମଧ୍ୟ ଅନୁରୂପ ସ୍ଥିତି। ଦୁଇଶହ ଶଯ୍ୟା ବିଶିଷ୍ଟ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ଶଯ୍ୟା ବିଶିଷ୍ଟ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ୬୭ ଜଣ ଡାକ୍ତର ରହିବା ଜାଗାରେ ଅଛନ୍ତି ମାତ୍ର ୩୨ ଜଣ ଡାକ୍ତର। ସେମାନଙ୍କ ମଧ୍ୟରୁ ସିଡିଏମ୍‌ଓ ଏବଂ ଏଡିଏମ୍‌ଓଙ୍କ ସମେତ ପ୍ରଶାସନିକ ଦାୟିତ୍ୱରେ ୧୫ ଜଣ ଡାକ୍ତର ରହିଥିବାବେଳେ ଅବଶିଷ୍ଟ ମାତ୍ର ୧୭ ଜଣ ଡାକ୍ତରଙ୍କୁ ନେଇ ଚାଲିଛି ସ୍ୱାସ୍ଥ୍ୟସେବା। ଭଦ୍ରକ ଜିଲାର ପ୍ରାୟ ୧୭ ଲକ୍ଷ ଲୋକଙ୍କୁ ସରକାରୀ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ବ୍ଲକ୍ ହେଡ୍‌କ୍ୱାର୍ଟରରେ ଥିବା ସିଏଚ୍‌ସି ଡାକ୍ତରଖାନାକୁ ଦୈନିକ ଆଉଟଡୋରରେ ପ୍ରାୟ ୨୪ ଶହ ରୋଗୀ ଆସୁଥିବାବେଳେ ଇନଡୋରରେ ଦୈନିକ ପ୍ରାୟ ୫ ଶହ ରୋଗୀ ରହୁଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ବିଛଣା କ୍ଷମତା ମାତ୍ର ୨ ଶହ ହୋଇଥିବାରୁ ଅଧା ଇନଡୋର ରୋଗୀଙ୍କୁ ଡାକ୍ତରଖାନା ବାରଣ୍ଡାରେ ଶୋଇବାକୁ ପଡୁଛି। ସବୁଠାରୁ ଜଟିଳ ପରିସ୍ଥିତି ପ୍ରସୂତି ୱାର୍ଡରେ ଦେଖିବାକୁ ମିଳୁଛି। ଅସ୍ତ୍ରୋପଚାର ହେଉଥିବା ପ୍ରସୂତିଙ୍କୁ ସର୍ବନିମ୍ନ ୪୮ ଘ। ଡାକ୍ତରଖାନାରେ ରଖାଯିବାକୁ ନିୟମ ରହିଥିଲେ ମଧ୍ୟ ବର୍ଦ୍ଧିତ ଅସ୍ତ୍ରୋପଚାର ଲାଗି ରୋଗୀଙ୍କୁ ପ୍ରସବ କରାଇ ୧୨/୧୪ ଘ। ରଖି ଘରକୁ ବିଦା କରିବାକୁ କର୍ତ୍ତୃପକ୍ଷ ବାଧ୍ୟ ହେଉଥିବା ଅଭିଯୋଗ ହେଉଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଯୋଗାଯୋଗ କରିବାରୁ ଏଥିନେଇ ସରକାରଙ୍କୁ ଚିଠି ପରେ ଚିଠି ଲେଖାଯାଉଛି ବୋଲି ସେ କହିଥିଲେ।

ସାପ କାମୁଡାରେ ଶିକ୍ଷକଙ୍କ ପରଲୋକ

ନୂଆପଡା, ୨୧।୭(ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ତୁକଲା ଗ୍ରାମର ଶିକ୍ଷକ ଦିନେଶ କୁମାର ଦୁବେଙ୍କର ବିଶାକ୍ତ ସାପ କାମୁଡାରେ ମୃତ୍ୟୁ ହୋଇଯାଇଥିବା ଅଭିଯୋଗ ହୋଇଛି । ଶ୍ରୀ ଦୁବେ ଗତ ୧୭ ତାରିଖ ଦିନ ରାତ୍ରରେ ଶୋଇଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ପରିବାର ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ଖଡିଆଳ ସ୍ଥିତ ଉପଖଣ୍ଡ ଚିକିତ୍ସାଳୟରେ ଆଣିଥିଲେ କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ । ଖବର ପାଇ ଖଡିଆଳ ପୁଲିସ ପହଂଚି ଶବକୁ ଜବର କରି ବ୍ୟବଚ୍ଛେଦ କରିଥିଲେ । ହେଲେ ସୋମବାର ରିପୋର୍ଟ ଆସିବା ପରେ ସର୍ପାଘାତରେ ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତ ଶିକ୍ଷକଙ୍କ ସ୍ତ୍ରୀ ଏବଂ ୨ ନାବାଳକ ପୁଅଝିଅ ଅଛନ୍ତି ।

ପୁଷ୍ଟିକର ବଗିଚା ରେ ରୋଜଗାର କ୍ଷମ ହେବେ ୧୫ ହଜାର ପ୍ରବାସୀ

କେନ୍ଦ୍ରାପଡ଼ା, ୨୧।୭(ନି.ପ୍ର): - କରୋନା ସଂକ୍ରମଣ କଟକଣା ମଧ୍ୟରେ ଜିଲ୍ଲାକୁ ଫେରିଥିବା ପ୍ରାୟ ୪୭ ହଜାର ପ୍ରବାସୀଙ୍କୁ କର୍ମଯୋଗାଣ ଉଦ୍ଦେଶ୍ୟରେ ଓ ଅପପୁଷ୍ଟି ଦୂରପାଇଁ ପୁଷ୍ଟିକର ବଗିଚା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଜିଲ୍ଲାପାଳ ସମର୍ଥ ବର୍ମା ଏହି ଯୋଜନାର କାର୍ଯ୍ୟକାରିତା ସଂପର୍କରେ ବିଭିନ୍ନ ବ୍ଲକରେ ଚିହ୍ନଟ କରା ଯାଇଥିବା ହିତାଧିକାରୀ ମାନଙ୍କ ପୁଷ୍ଟିକର ବଗିଚା କାର୍ଯ୍ୟକ୍ରମକୁ ତଦାରଖ କରୁଥିବା ଜଣାପଡିଛି । ଜୀବିକା ମିଶନ ପକ୍ଷରୁ ଜିଲ୍ଲାରେ ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୧୫ ହଜାର ଲୋକଙ୍କୁ ବର୍ଷସାରା ପୁଷ୍ଟିକର ଖାଦ୍ୟ ଯୋଗାଇବା ଉଦ୍ଦେଶ୍ୟରେ ଏହି ଯୋଜନା ପ୍ରସ୍ତୁତ କରାଯାଇଛି । ସଂପୂର୍ଣ୍ଣ ପ୍ରାକୃତିକ ପଦ୍ଧତିରେ ଉନ୍ନତ ମାନର ଚାରା ଓ ମଞ୍ଜି ପ୍ରଦାନ କରାଯାଇ ବର୍ଷଯାକ ପନିପରିବା, ଶାଗ, ଫଳ ଅଦି ଉତ୍ପାଦନ କରି ସ୍ୱାବଲମ୍ବି କରାଇବା ଲକ୍ଷ୍ୟରେ ଉଦ୍ୟମ ଆରମ୍ଭ କରାଯାଇଛି । ଯେକୌଣସି ପ୍ରବାସୀ ବା ସାଧାରଣ ବ୍ୟକ୍ତି ମାତ୍ର ୨ ଡିସିମିଲ ଜମି ଉପରେ ପରିବାର ଚଳାଇଲା ଭଳି ୧୭ ପ୍ରକାର ପନିପରିବା, ଶାଗ ସମେତ ଲେମ୍ବୁ , ସଜନା, ଅମୃତଭଣ୍ଡା, କଦଳୀ ପ୍ରଭୃତି ଚାଷ କରି ଉତ୍ପାଦନ କରିପାରିବେ । ଜିଲ୍ଲାର ୯ଟି ବ୍ଲକରେ ୧୫ ହଜାର ଲୋକଙ୍କୁ ଚିହ୍ନଟ କରାଯାଇଛି । ନିଜସ୍ୱ ଜମି ନଥିଲେ ଅନ୍ୟ ଜମିରେ ବୁଝାମଣା ସୂତ୍ରରେ ମଧ୍ୟ ଚାଷ କରିପାରିବେ । ପ୍ରାରମ୍ଭିକ ଅବସ୍ଥାରେ ବ୍ଲକ ତରଫରୁ ମଞ୍ଜି ଓ ଚାରା ବୃକ୍ଷ ଚିହ୍ନଟ କରାଯାଇଥିବା ହିତାଧିକାରୀ ମାନଙ୍କୁ ପ୍ରଦାନ କରାଯିବ । ବ୍ଲକରେ ଥିବା କୃଷିମିତ୍ର ମାନେ ଏହି ଫସଲ ଓ ପନିପରିବା ଚାଷର ପଦ୍ଧତି ସଂପର୍କରେ ହିତାଧିକାରୀ ମାନଙ୍କୁ ଅବଶ୍ୟକୀୟ ସହାୟତା ପ୍ରଦାନ କରିବେ । ବ୍ଲକ ତରଫରୁ ମଞ୍ଜି ଓ ଚାରା ବୃକ୍ଷ ପ୍ରଦାନ କରାଯାଇ ଗଛ ଲଗାଇବାର ପ୍ରକ୍ରିୟା ଶେଷ ହେବାପରେ ମନରେଗା ମାଧ୍ୟମରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୧୦ ହଜାର ୭୨୯ ଟଙ୍କା ସହାୟତା ରାଶି ସରକାରଙ୍କ ପକ୍ଷରୁ ସଂପୃକ୍ତ ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାକୁ ପଠାଯିବ ବୋଲି ଜଣାପଡିଛି । ପୃଷ୍ଟିକର ଖାଦ୍ୟ , ଫଳ, ପନିପରିବା ଦ୍ୱାରା ଅପପୁଷ୍ଟିକୁ ରୋକିବା, ପ୍ରବାସୀ ମାନଙ୍କୁ କାମ ଯୋଗଇବା, ଆବଶ୍ୟକ ସ୍ଥଳେ ରୋଜଗାରର ବାଟ ଦେଖାଇବା ପାଇଁ ଏହି ଯୋଜନା ଜୀବିକା ମିଶନ ତରଫରୁ କରାଯାଇଥିବା ଓଡିଶା ଜୀବିକା ମିଶନର କେନ୍ଦ୍ରାପଡା ଜିଲ୍ଲା ପରିଚାଳକ ସତ୍ୟଭାମା ପ୍ରଧାନ ସୂଚନା ଦେଇଛନ୍ତି ।

କନ୍ଧମାଳରେ ସ୍ୱାସ୍ଥ୍ୟସେବା ଠପ୍,ପ୍ରସବ କେନ୍ଦ୍ରକୁ ପ୍ରସୂତୀ ଯାଉନାହାଁନ୍ତି

କନ୍ଧମାଳ, ୨୧।୭(ନି.ପ୍ର): କନ୍ଧମାଳ ଜିଲ୍ଲାରେ ଦିନକୁ ଦିନ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ସଦର ମହକୁମା ଡାକ୍ତରଖାନାରୁ ଆରମ୍ଭ କରି ଗ୍ରାମାଂଚଳ ଯାଏଁ ଲୋକଙ୍କୁ ସ୍ୱାସ୍ଥ୍ୟସେବା ମିଳୁନି। ସ୍ୱାସ୍ଥ୍ୟସେବା ନପାଇ କେଉଁଠି ରୋଗୀ ମରୁଛନ୍ତି ତ ଆଉ କେଉଁଠି ଆମ୍ବୁଲାନ୍ସ ଠିକ୍ ସମୟରେ ନପଂହଚିବା ଫଳରେ ପ୍ରସୂତୀ ରାସ୍ତାକଡରେ, ଗଛମୂଳେ ପ୍ରସବ କରୁଛନ୍ତି। ଫଳରେ ମା' ଓ ଶିଶୁଙ୍କ ମୃତ୍ୟୁ ଘଟୁଥିବା ନଜିର ରହିଛି। ପ୍ରସବ ପାଇଁ ବିଭିନ୍ନ ସ୍ଥାନରେ ୩୮ଟି ପ୍ରସବ କେନ୍ଦ୍ର ରହିଛି। ସେଠାରେ ଏଏନଏମ ନାହାଁନ୍ତି କି ସ୍ୱାସ୍ଥ୍ୟକର୍ମୀ ନାହାଁନ୍ତି। ସେଠାକୁ ଯାଉନାହାଁନ୍ତି ପ୍ରସୂତୀ। ଅନ୍ୟପଟରେ ଗମନା ଗମନ ଆଉ ଏକ ମୁଖ୍ୟ ସମସ୍ୟା ପାଲଟିଛି। ଗମନା ଗମନ ବ୍ୟବସ୍ଥା ଠିକ୍ ନଥିବାରୁ ଗ୍ରାମାଂଚଳକୁ ଆମ୍ବୁଲାନ୍ସ ଯାଇପାରୁନଥିବା ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ କହୁଛନ୍ତି। ସହରରେ କି ଗାଁରେ କେଉଁଠି ବି ମିଳୁନି ସ୍ୱାସ୍ଥ୍ୟ ସେବା। ଡାକ୍ତର ନାହାଁନ୍ତି, ଯେଉଁଠି ବି ଡାକ୍ତର ଅଛନ୍ତି ଆସୁନାହାଁନ୍ତି। ସଦର ମହକୁମା ଡାକ୍ତରଖାନାରେ ମଧ୍ୟ ଡାକ୍ତର ଠିକ୍ ସମୟରେ ଡ୍ୟୁଟି କରୁନାହାଁନ୍ତି। ସେହି ସମୟରେ କ୍ଲିନିକରେ ବସୁଥିବା ଦେଖାଯାଉଛି। ରୋଗୀଙ୍କୁ ଡାକ୍ତରଖାନାରୁ ଫୁସୁଲାଇ କ୍ଲିନିକ ଆସିବାକୁ ମଧ୍ୟ ବାଧ୍ୟ କରୁଛନ୍ତି କୁଆଡେ କେତେକ ଡାକ୍ତର। ଏପରିସ୍ଥଳେ ଗାଁକୁ ଯାଇ ଦେଖିଲେ ଜାଣିପାରିବେ କିପରି ଚାଲିଛି ସ୍ୱାସ୍ଥ୍ୟସେବା। କିଭଳି ସେବା ପାଉଛନ୍ତି ଲୋକେ, କାହିଁକି ମିଳୁନି ସେମାନଙ୍କୁ ସ୍ୱାସ୍ଥ୍ୟ ସେବା। ଏନେଇ ସରକାର ଚୁପ୍। କନ୍ଧମାଳ ଜିଲ୍ଲାରେ ଅନେକ ଗାଁ ରହିଛି। ସେଥିରୁ ଶତକଡା ୭୦ ଭାଗ ଗାଁ ଲୋକଙ୍କୁ ମିଳୁନି ସ୍ୱାସ୍ଥ୍ୟସେବା। ଉତମ ସ୍ୱାସ୍ଥ୍ୟସେବା ନପାଇ ମୃତ୍ୟୁବରଣ କରୁଛନ୍ତି ଅନେକ ତଥାପି ସରକାରଙ୍କ ଚେତା ପଶୁନି। ସରକାର ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ନାନା ବ୍ୟବସ୍ଥା କରିଛନ୍ତି। ଅର୍ଥ ଅନୁଦାନ ମଧ୍ୟ ଯୋଗାଇ ଦେଉଛନ୍ତି। ହେଲେ ଏସବୁ ଅର୍ଥ ବରବାଦ୍ ହେଉଛନ୍ତି। କନ୍ଧମାଳ ଜିଲ୍ଲାରେ ୮୦ରୁ ଉର୍ଦ୍ଧ୍ୱ ଡାକ୍ତର, ବିଶେଷଜ୍ଞ ପଦବୀ ଖାଲିପଡିଛି। ଫାର୍ମାସିଷ୍ଟ, ଝାଡୁଦାର ଚଳାଉଛନ୍ତି ଡାକ୍ତରଖାନା। ଡାକ୍ତରଖାନାରେ ଔଷଧ ନାହିଁ। ଜିଲ୍ଲାର ଚାଂଚେଡି, ଗଦାପୁର, ଶ୍ରୀରାମପୁର, ବିଲାବାଡି, ସୁଡୁକୁମ୍ପା, ବେଲଘର, ଗୁମ୍ମା, ସୁବର୍ଣ୍ଣଗିରୀ, ଖମନଖୋଲ, ବାରଖମା, ବାଦଗଡ ଆଦି ଅନେକ ଡାକ୍ତରଖାନାରେ ଡାକ୍ତର ନାହାଁନ୍ତି। ଜିଲ୍ଲାରେ ୧୦୨ ଆମ୍ବୁଲାନ୍ସ ୭ଟି ଓ ୧୦୮ ଆମ୍ବୁଲାନ୍ସ ୮ଟି ରହିଛି, ଯାହାକି ଯଥେଷ୍ଟ ନୁହେଁ। ଆମେ ଏନେଇ କନ୍ଧମାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ରାଜଶ୍ରୀ ପଟ୍ଟନାୟକଙ୍କୁ ପଚାରିବାରେ, ଜିଲ୍ଲାରେ ୮୦ରୁ ଉର୍ଦ୍ଧ୍ୱ ଡାକ୍ତର ପଦବୀ ଖାଲିପଡିବା କଥା ସ୍ୱୀକାର କରିଥିଲେ। ତେବେ, ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାଲାଗି ସର୍ବଦା ଚେଷ୍ଟା କରାଯାଉଥିବା କହିଛନ୍ତି। ଡାକ୍ତର ନିଯୁକ୍ତି ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଡାକ୍ତର ଅନୁପସ୍ଥିତ ରହିବା ଅଭିଯୋଗ ଆସିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିଏମଓ କହିଛନ୍ତି।

ଲକ ଡାଉନର ୩ ଦିନରେ ଧର୍ମଶାଳାରେ ଜିଲ୍ଲାପାଳ

ଧର୍ମଶାଳା, ୨୧।୭(ନି.ପ୍ର): ଯାଜପୁର ଜିଲାରେ କରୋନାର ପ୍ରଭାବ ବଢିବଢି ଚାଲିଛି । ଜିଲାକୁ ଲକଡାଉନ ଘୋଷଣା କରାଯାଇଛି । ଆଜି ତୃତୀୟ ଦିନରେ ଜିଲାପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ କଡା ନଜର ରଖାଯାଇଛି । ମହାମାରୀ କରୋନା ସଂକ୍ରମଣ ରୋକିବା ଲାଗି ସରକାରଙ୍କ ପକ୍ଷରୁ ଯାଜପୁର ଜିଲ୍ଲାକୁ ସଟଡାଉନ ଘୋଷଣା କରାଯାଇଥିବା ବେଳେ ଧର୍ମଶାଳା ବ୍ଲକରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । ବ୍ଲକର ବିଭିନ୍ନ ଛକ ବଜାର ଗୁଡିକରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଦୋକାନକୁ ଅନ୍ୟ ସମସ୍ତ ଦୋକାନ ବଜାର ବନ୍ଦ ରହିଛି । ତେବେ ଔଷଧ ଦୋକନକୁ ବାଦ ଦେଇ ଅତ୍ୟାବଶ୍ୟକୀୟ ସାମଗ୍ରୀ ଦୋକନ, ପରିବା, କ୍ଷୀର, ଫଳ ଓ ମାଛମାଂସ ଦୋକାନ ଗୁଡିକ ସକାଳ ୬ରୁ ଦିନ ୧ଟା ପର୍ଯ୍ୟନ୍ତ ଖୋଲା ରହିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ସାଇକେଲ କିମ୍ବା ଚାଲି ଚାଲି ଆସି ଅତ୍ୟାବଶ୍ୟକୀୟ ସାମଗ୍ରୀ କିଣାବିକା କରିବାକୁ ନିର୍ଦ୍ଦେଶ ରହିଛି । ଏହାର ଖିଲାପ କଲେ ପ୍ରଶାସନ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଚେତାବନୀ ଦିଆଯାଇଛି । ଆଜି ଜିଲ୍ଲାପାଳ ରଂଜନ କୁମାର ଦାସ ତହସିଲଦାର ସରୋଜ କୁମାର ପଣ୍ଡା ଓ ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ମହାନ୍ତି, ଆଇଏଏସ ସଚିନ ପାଓ୍ୱାର,ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣୀ ନାୟକ,ପଂଚାୟତ ଅଫିସର ଆଶୋକ କୁମାର ସେଠୀ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଧର୍ମଶାଳା ଅଂଚଳର ଜାରକା ଓ କାଏମା ବଜାରକୁ ଯାଇ ଲକଡାଉନ ସ୍ଥିତି ପରଖି ଥିଲେ । ସେହିପରି ଧର୍ମଶାଳା ପୋଲିସ ପକ୍ଷରୁ ଆଜି ଅମାନିଆ ବାଇକ ଓ ଗାଡି ଚାଳକଙ୍କ ଠାରୁ ୩୬ ହଜାର ୫ଶହ ଟଙ୍କା ଜୋରିମାନା ଆଦାୟ କରିଥିବା ଥାନା ଅଧିକାରୀ ସରୋଜ କୁମାର ସାହୁ ସୁଚନା ଦେଇଛନ୍ତି । ସେହିପରି ଜେନାପୁର ପୋଲିସ ପକ୍ଷରୁ ବିଭିନ୍ନ ଛକ ଓ ବଜାରରେ ବୁଲୁଥିବା ଅମାନିଆ ବାଇକ ଚାଳକମାନଙ୍କ ଠାରୁ ୧୨ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି ବୋଲି ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି । ଏହି ଚଢାଉ ଫଳରେ ସ୍ଥାନୀୟ ଅଂଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି । ସେହିପରି ଜିଲା ବଡଚଣା ବ୍ଲକ ଚଣ୍ଡିଖୋଲ ଛକ ଓ ଛତିଆ ଅଂଚଳରେ ଜିଲା ଚଢାଉ କରିଥିବା ଜଣାପଡିଛି। ତେବେ ଜୁଲାଇ ଶେଷ ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ସ୍ଥାନରେ ଏହି ଚଢାଉ ଜାରି ରହିବ ବୋଲି ଜିଲାପାଳ ରଂଜନ କୁମାର ଦାସ ସୂଚନା ଦେଇଛନ୍ତି ।

ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ତରଫରୁ ମାସ୍କ ଓ ସାନିଟାଇଜର ପ୍ରଦାନ

କେନ୍ଦ୍ରାପଡ଼ା, ୨୧।୭(ନି.ପ୍ର): ଅଗ୍ରଣୀ ଜାତୀୟ କରଣ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ କେନ୍ଦ୍ରାପଡା ବଳଦେବଜୀୟୁ ମନ୍ଦିର ଶାଖା ତରଫରୁ ଜିଲ୍ଲାପାଳଙ୍କୁ ମାସ୍କ ଓ ସାନିଟାଇଜର ପ୍ରଦାନ କରାଯାଇଛି । କଟକ ସର୍କଲ ଅଫିସ ପକ୍ଷରୁ ସୋମବାର ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ପରିଚାଳକ ରାଜେଶ କୁମାର ସାହୁ, ସହକାରୀ ପରିଚାଳକ ଅକ୍ଷୟ କୁମାର ସାମଲ ପ୍ରମୁଖ କୋଭିଡ-୧୯ ପ୍ରତିରୋଧ ପାଇଁ ଏକ ପେଟି ମାସ୍କ ଓ ଏକ ପେଟି ସାନିଟାଇଜର ହସ୍ତାନ୍ତର କରିଥିଲେ ।

କନ୍ଧମାଳ ଜିଲ୍ଲାରେ ପୁର୍ବଭଳି ବାଉଁଶ ଉତ୍ପାଦନ ବୃଦ୍ଧି ହେଉନି

କନ୍ଧମାଳ, ୨୧।୭(ନି.ପ୍ର): କନ୍ଧମାଳ ଜିଲ୍ଲାରେ ବାଉଁଶ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯିବା ସହ ଏହା ମାଧ୍ୟମରେ ଅଧିକାରୁ ଅଧିକା ଲୋକ ଯେପରି ସ୍ୱାବଲମ୍ବୀ ହୋଇପାରିବେ ସେଥିପ୍ରତି ଦୃଷ୍ଟି ଦେଇ ସରକାର ବାଉଁଶ ଉତ୍ପାଦନ ବୃଦ୍ଧି ଲାଗି ପର୍ଯ୍ୟାପ୍ତ ଅର୍ଥ ଅନୁଦାନ ଦେଉଛନ୍ତି ଜିଲ୍ଲାକୁ। ବାଉଁଶ ଉତ୍ପାଦନ ବଢିଲେ ଜିଲ୍ଲାରେ ବାଉଁଶରୁ ଘରକରଣା ସାମଗ୍ରୀ ଉତ୍ପାଦନ କରୁଥିବା କାରିଗର ମାନେ ସୁବିଧାରେ ଓ କମ୍ ମୂଲ୍ୟରେ ହାତ ପାଆନ୍ତାରେ ବାଉଁଶ ପାଇପାରିବେ ଆଉ ଙ୍ଗଚାମାଲର ଅସୁବିଧା ହେବନି। ବାଉଁଶ ଭିତିକ ପ୍ରକଳ୍ପ କାର୍ଯ୍ୟକାରୀତାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଫଳରେ ରାଜ୍ୟରେ ବାଉଁଶ ସଂପର୍କିତ କାର୍ଯ୍ୟକଳାପ ଓ ଯୋଜନା ପାଇଁ ସରକାର ପର୍ଯ୍ୟାପ୍ତ ଅର୍ଥ ଅନୁଦାନ ମଧ୍ୟ ଯୋଗାଇ ଦେଉଛନ୍ତି ପ୍ରତିବର୍ଷ। କନ୍ଧମାଳ ଜିଲ୍ଲାର ବାଲିଗୁଡା ଓ ଫୁଲବାଣୀ ଜଙ୍ଗଲ ବିଭାଗ ଡିଭିଜନକୁ ଏହି ଅନୁଦାନ ଅର୍ଥ ମିଳିଥିଲା। ଏହି ଅର୍ଥରେ ସରକାରୀ ଅଣଜଙ୍ଗଲ ଜମି ବ୍ୟତିତ ଘରୋଇ ଜମି, ଢେପ ଜମି, ଜଳଉତ୍ସ ନିକଟରେ ବାଉଁଶ ଗଛ ମାନ ଲଗାଯିବାର ବ୍ୟବସ୍ଥା ଥିଲା। ଏହାଦ୍ୱାରା ବାଉଁଶ ଭିତିକ ଶିଳ୍ପ ପାଇଁ ଙ୍ଗଚାମାଲର ଅଭାବ ରହିବ ନାହିଁ। ୩ ବର୍ଷ ପାଇଁ ଗୋଟିଏ ହେକ୍ଟର ବାଉଁଶ ଉତ୍ପାଦନ ପାଇଁ ୫୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ। ଏକ ହେକ୍ଟର ଜମିରେ ପ୍ରାୟ ୪୧୭ଟି ବୃକ୍ଷ ରୋପଣ କରାଯିବ ଓ ପ୍ରତି ଚାରା ପିଛା ୧୨୦ ଟଙ୍କା ହିସାବରେ ସହାୟତା ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶ ଥିଲା। ଏହାଛଡା ନର୍ସରୀ ବିକାଶ, ରକ୍ଷଣା ବେକ୍ଷଣ, ବଜାର ସୃଷ୍ଟି ପାଇଁ ମଧ୍ୟ ବ୍ୟବସ୍ଥା ଥିଲା। ହେଲେ ଜିଲ୍ଲାର ୨ଟି ଡିଭିଜନକୁ ଏ ବାବଦରେ ସରକାର କେତେ ଅର୍ଥ ଅନୁଦାନ ଯୋଗାଇ ଦେଉଛନ୍ତି ଓ କେତେ ହେକ୍ଟର ବାଉଁଶ ଜଙ୍ଗଲ ସୃଷ୍ଟି କରାଯାଇଛି ଓ ଏଥିପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାର ହିସାବ ମାଗିଲେ ମିଳୁନି। ଆଜି ଆସ କାଲି ଆସ କହି ଦିନ ଗଡାଉଛନ୍ତି ଜଙ୍ଗଲ ବିଭାଗ ଅଫିସର ମାନେ ସିନା ସଠିକ୍ ତଥ୍ୟ ଦେବାକୁ କୁଣ୍ଠୁ କୁଣ୍ଠୁ ହେଉଛନ୍ତି। ସେହିପରି ବନ ସଂରକ୍ଷଣ ସମିତି, ଯୁଗ୍ମ ପରିଚାଳନା କମିଟି, ଚାଷୀ କ୍ଲବ ଗୁଡିକୁ ମଧ୍ୟ ସାମିଲ କରିବା ପାଇଁ ସରକାରୀ ନିର୍ଦ୍ଦେଶ ଥିବା ବେଳେ କାହାକୁ ସାମିଲ ନକରା

ଲକ୍‌ଡାଉନ୍‌ରେ ସକରାତ୍ମକ ପ୍ରୟାସ

ଗାଁର ରୂପ ବଦଳାଇଲେ ଯୁବଗୋଷ୍ଠୀ

ଲକ୍‌ଡାଉନ୍ ଯୋଗୁ ମହାନଗରରେ କାମ କରୁଥିବା ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଅରଖୁଣ୍ଡ ଗାଁର କେତେକ ଯୁବକ ଗାଁକୁ ଫେରି ଆସିଥିଲେ । ଗାଁକୁ ଫେରିବା ପରେ ସେମାନେ କିନ୍ତୁ ନିରାଶ ହୋଇନଥିଲେ । ପାର୍ବତୀୟ ଲୋକକଳା, ସଂସ୍କୃତି, ପରିବେଶ ଏବଂ ଗ୍ରାମୀଣ ଜୀବନର ପ୍ରତିଫଳନ କରୁଥିବା ଚିତ୍ର ଆଙ୍କି ଗାଁର ସବୁ ଘରର କାନ୍ଥକୁ ସେମାନେ କାରୁକାର୍ଯ୍ୟପୂର୍ଣ୍ଣ କରିଛନ୍ତି । ଏବେ ଗାଁର ଦୃଶ୍ୟପଟ୍ଟ ଅତ୍ୟନ୍ତ ସୁନ୍ଦର ହୋଇଯାଇଛି । ଚାରିଧାମ ଭ୍ରମଣରେ ଯାଉଥିବା ଯାତ୍ରୀଙ୍କୁ ଏଭଳି ନିଆରା ଉଦ୍ୟମ ମାଧ୍ୟମରେ ଆକର୍ଷିତ କରିବା ସେମାନଙ୍କର ଲକ୍ଷ୍ୟ । ରୁଦ୍ରପ୍ରୟାଗଠାରୁ ୨୯ କିମି ଦୂରରେ ଥିବା ଅରଖୁଣ୍ଡ ଗାଁରେ ୧୭୩ଟି ଘର ରହିଛି । ଜନସଂଖ୍ୟା ପ୍ରାୟ ୮୩୩ । ଅରୁଖଣ୍ଡର ବହୁ ଯୁବକ ମହାନଗରରେ ଥିବା କଂପାନିରେ କାମ କରନ୍ତି । ଲକଡାଉନ୍ ସେମାନଙ୍କୁ ଗାଁକୁ ଫେରିବାକୁ ବାଧ୍ୟ କରିଥିବାବେଳେ ସୁମିତ ରାଣା ନାମକ ଜଣେ ଯୁବକଙ୍କ ମନରେ ପ୍ରଥମେ ଏଭଳି ନିଆରା ଚିନ୍ତାଧାରା ଆସିଥିଲା । ସେ ଚିତ୍ରକଳାରେ ସ୍ନାତକୋତ୍ତୋର ଶିକ୍ଷା ଶେଷ କରିଛନ୍ତି । ସୁମିତ କିଛି ଯୁବକଙ୍କୁ ନେଇ ଦେବଭୂମି ପରିବେଶକୁ ଚିତ୍ରରେ ଉତାରିବା ପାଇଁ ଯୋଜନା କରିଥିଲେ । ଏଥିପାଇଁ ସେ ୪ ହଜାର ଟଙ୍କାରେ ରଙ୍ଗ ଏବଂ ଅନ୍ୟାନ୍ୟ ସାମଗ୍ରୀ କିଣିଥିଲେ । ସୁମିତଙ୍କ ସହ ତ୍ରିଲୋକ ରାୱତ୍, ପ୍ରମୋଦ ରାୱତ, ସୂର୍ଯ୍ୟକାନ୍ତ ଗୋସ୍ୱାମୀ, ନୀରଜ ଭଟ୍ଟ ଏବଂ ଆଲୋକ ନେଗୀଙ୍କ ଭଳି ଯୁବକ ମିଶି କିଛି ଦିନ ମଧ୍ୟରେ ଅରୁଖଣ୍ଡର ରୂପକୁ ବଦଳାଇ ଦେଲେ । ସୁମିତ କହିଛନ୍ତି, ଆମେ ଚାହୁଁଛୁ ଚାରିଧାମ ଯାତ୍ରା ସହିତ ଆମର ଗାଁକୁ ସଂଯୋଗକ କରାଯାଉ । ଫଳରେ ପର୍ଯ୍ୟଟନକୁ ପ୍ରୋତ୍ସାହନ ମିଳିବ । ପର୍ଯ୍ୟଟନ ଶିଳ୍ପ ପ୍ରୋତ୍ସାହିତ ହେଲେ ଆମେ ବାହାରକୁ କାମ କରିବାକୁ ହୋଇ

ଷ୍ଟେ ଆରମ୍ଭ କରି ଏଇଠୁ ରୋଜଗାର କରିବୁ । ସେମାନଙ୍କର ଉଦ୍ୟମକୁ ରାଜ୍ୟ ସରକାର ମଧ୍ୟ ପ୍ରଶଂସା କରିଛନ୍ତି । ରାଜ୍ୟର ପର୍ଯ୍ୟଟନ ମନ୍ତ୍ରୀ ସତ୍‌ପାଲ ମହାରାଜ କହିଛନ୍ତି, ଏଭଳି ଗାଁ ପାଇଁ ଖୁବ୍‌ଶୀଘ୍ର ଯୋଜନା ଅଣାଯାଉଛି । ଏଗୁଡ଼ିକୁ ସୁନ୍ଦର କରାଯାଇ ଟୁରିଷ୍ଟ ସର୍କିଟ୍ ସହ ଯୋଡ଼ାଯିବା ଲାଗି ଉଦ୍ୟମ ହେଉଛି । ସେହି କାମରେ ଏହି ଯୁବକମାନଙ୍କ ସହାୟତା ନିଆଯିବ ।

୧୫ ମିନିଟ୍‌ରେ କୋଠରୀକୁ ସଂକ୍ରମଣମୁକ୍ତ କରିବ 'ଶୁଦ୍ଧ'

କରୋନା ଭାଇରସ ସଂକ୍ରମଣ ଭୟରେ ଏବେ ଲୋକମାନେ ବାହାରକୁ ବାହାରିଲେ କୌଣସି ଜିନିଷ ଛୁଇଁବାକୁ ଡରୁଛନ୍ତି । ବିଶେଷକରି ଅଫିସ, ହୋଟେଲ, ମଲ୍, ହସ୍ପିଟାଲ ଆଦି ସ୍ଥାନକୁ ଯାଉଥିଲେ ଏହି ଭୟ ବଢ଼ିଯାଇଛି । ତାକୁ ଦୃଷ୍ଟିରେ ରଖି ଏସବୁ ସ୍ଥାନରେ ବାରମ୍ବାର ଲିକ୍ୱିଡ୍ ସାନିଟାଇଜିଂର ବ୍ୟବହାର କରାଯାଉଛି । ତେବେ ଏହାଦ୍ୱାରା ରସାୟନିକ ପ୍ରତିକ୍ରିୟା ହେବାର ଆଶଙ୍କା ବି ରହିଛି । ଆଇଆଇଟି

କାନପୁର ପକ୍ଷରୁ ଏହି ସମସ୍ୟା ଏକ ସମାଧାନ ବାହାର କରାଯାଇଛି । ଆଇଆଇଟିର ଇମାଜିନିୟରିଂ ଲାବୋରେଟୋରୀ ବିଭାଗ ପକ୍ଷରୁ ଏଥିପାଇଁ ଏକ ଅଲଟ୍ରାଭାଓଲେଟ୍ ସାନିଟାଇଜିଂ ଯନ୍ତ୍ର ବିକଶିତ କରାଯାଇଛି । ତାର ନାମ ରଖାଯାଇଛି 'ଶୁଦ୍ଧ' (ସ୍ମାର୍ଟଫୋନ୍ ଅପରେଟେଡ୍ ହ୍ୟାଣ୍ଡି ଅଲଟ୍ରାଭାଓଲେଟ୍ ଡିସଇନଫେକ୍ସନ୍ ହେଲପର) । ସ୍ମାର୍ଟଫୋନ୍‌ରେ ଏକ ଆଣ୍ଡ୍ରଏଡ୍ ଆପ୍ଲିକେସନ୍ ଇନଷ୍ଟଲ କରି ତା' ମାଧ୍ୟମରେ ଏହାକୁ ଅନ୍‌ଅଫ୍ କରିହେବ, ଗତିକୁ ଦୂରରୁ ନିୟନ୍ତ୍ରଣ କରାଯାଇପାରିବ । 'ଶୁଦ୍ଧ'ରେ ୧୫ ୱାଟ୍‌ର ୬ଟି ଅଲଟ୍ରାଭାଓଲେଟ୍ ଲାଇଟ୍ ଲାଗିଛି ଯାହାକି ବ୍ୟାକ୍ଟେରିଆକୁ ନଷ୍ଟ କରିବାରେ ସକ୍ଷମ । ଏହି ଯନ୍ତ୍ରକୁ ୩୬୦ ଡିଗ୍ରୀ ପର୍ଯ୍ୟନ୍ତ ବୁଲାଇହେବ । ପ୍ରାଥମିକ ପରୀକ୍ଷାରୁ ଜଣାପଡ଼ିଛି ଯେ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଏହା ୧୦ ଫୁ ୧୦ବର୍ଗଫୁଟର ଏକ କୋଠରୀକୁ ୧୫ ମିନିଟ୍‌ରେ ସଂକ୍ରମଣମୁକ୍ତ କରିପାରିବ । ଫଳରେ ଲିକ୍ୱିଡ୍ ସାନିଟାଇଜିଂ ଦ୍ୱାରା ହେବାକୁ ଥିବା ରସାୟନିକ ପ୍ରତିକ୍ରିୟାର ଭୟ ରହିବ ନାହିଁ । କଠୋରୀର ଆକାର ବଡ଼ ଥିଲେ ଏଥିରେ ଅଧିକ ଲାଇଟ୍ ବ୍ୟବହାର କରାଯାଇ ପାରିବ । ଅତ୍ୟଧିକ ଜନଗହଳିପୂର୍ଣ୍ଣ ସ୍ଥାନ ଯେପରିକି ହସ୍ପିଟାଲ, ମଲ୍, ସ୍କୁଲ, ଅଫିସ୍ ଆଦିରେ କରୋନା ସଂକ୍ରମଣକୁ ରୋକିବାରେ 'ଶୁଦ୍ଧ' ସହାୟକ ହେବ ବୋଲି ଏହାକୁ ବିକଶିତ କରିଥିବା ପ୍ରଫେସର ଜେ.ରାମକୁମାର, ଡ.ଅମନଦୀପ ସିଂହ ଏବଂ ଶିବମ୍ ସଚାନ୍ ଆଶା ପ୍ରକାଶ କରିଛନ୍ତି ।

ଆତ୍ମହତ୍ୟା ରୋକିବ ଆପ୍

ଦେଶରେ ଆତ୍ମହତ୍ୟାଜନିତ ମୃତ୍ୟୁ ସଂଖ୍ୟା ଦିନକୁଦିନ ବଢ଼ିବାରେ ଲାଗିଛି । ଦେଶବାସୀଙ୍କୁ ଏହି ଦୁଃଖଦ ଓ ଗମ୍ଭୀର ସମସ୍ୟାରୁ ବଚିବା ଲାଗି ଆତ୍ମହତ୍ୟା ଦିବସ ଅବସରରେ ମୁମ୍ବାଇର ଡାକ୍ତର ଏକ ଆପ୍ ଲଂଚ କରିଛନ୍ତି । ଏହି ଆପ୍ ମାଧ୍ୟମରେ ଲୋକଙ୍କୁ ମାନସିକ ଅଶାନ୍ତିରୁ ମୁକ୍ତ ରଖିବା ସହ ଆତ୍ମହତ୍ୟାକୁ ରୋକିବା ପାଇଁ ସଚେତନତା ସୃଷ୍ଟି କରିବ । ଏହି ଆପ୍ ଟିର ନାଁ ହେଉଛି 'ଇମୋସନାଲ ସପୋର୍ଟ ହେଲ୍ପଲାଇନ୍ ଡିରେକ୍ଟୋରୀ' ଯାହାକି ପ୍ଲେଷ୍ଟୋରରେ ଉପଲବ୍ଧ । ଏହି ଆପ୍‌ରେ ସମଗ୍ର ଭାରତରେ ୫୦ଟି ହେଲ୍ପଲାଇନ୍ ନମ୍ବର ସହ ବ୍ୟବହାରକାରୀଙ୍କ ପାଖ ଅଂଚଳର ହେଲ୍ପଲାଇନ ନମ୍ବର ମଧ୍ୟ ମହଜୁଦ ରହିଛି ।

ଅନ୍‌ଲାଇନ କ୍ଲାସ ପାଇଁ ପାହାଡ଼ ଚଢୁଛନ୍ତି ଛାତ୍ର



କରୋନା ସଙ୍କଟ ସମୟରେ ଏବେ ସ୍କୁଲ ବନ୍ଦ ରହିଛି । ଅବଶ୍ୟ ବହୁ ସ୍କୁଲରେ ଅନ୍‌ଲାଇନ କ୍ଲାସ କରାଯାଉଛି । ତେବେ ସହରତଳି ଏବଂ ଗ୍ରାମୀଣ ଅଞ୍ଚଳଗୁଡ଼ିକରେ ଇଣ୍ଟରନେଟ୍‌ର ସ୍ପିଡ୍ କମ୍ ରହୁଥିବାରୁ ଅନ୍‌ଲାଇନ୍ କ୍ଲାସ୍ ପାଇଁ ସେଠାରେ ଛାତ୍ରଛାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନେଟ୍‌ୱାର୍କ ପାଇଁ ସେମାନେ ଉଚ୍ଚ ସ୍ଥାନ ଯେପରିକି ଘରର ଛାତ, ଗଛ ଉପରେ ଚଢ଼ିବା ଭଳି ଘଟଣାମାନ ପ୍ରାୟତଃ ସାମ୍ନାକୁ ଆସୁଛି । ଏବେ ରାଜସ୍ଥାନରୁ ସେଭଳି ଏକ ଖବର ଆସୁଛି । ଏବେ ରାଜସ୍ଥାନରୁ ସେଭଳି ଏକ ଖବର ଆସିଛି । ସେଠାରେ ଅନ୍‌ଲାଇନ କ୍ଲାସ ପାଇଁ ଜଣେ ଛାତ୍ର ପ୍ରତିଦିନ ପାହାଡ଼ ଚଢ଼ିବାକୁ ବାଧ୍ୟ ହେଉଛନ୍ତି । ଘଟଣାଟି ରାଜସ୍ଥାନର ବାଡ଼ମେର ଜିଲ୍ଲା ଦରୁଡ଼ା ଗାଁର । ସେଠାରେ ଏକ ବସ୍ତିରେ ରହୁଥିବା ହରୀଶ କୁମାର ନାମକ ଜଣେ ଛାତ୍ର ଅନ୍‌ଲାଇନ କ୍ଲାସ ପାଇଁ ପ୍ରତିଦିନ ଗାଁ ନିକଟରେ ଥିବା ପାହାଡ଼ ଶିଖରକୁ ଚଢୁଛନ୍ତି । ସେ ଜବାହାର ନବୋଦୟ ବିଦ୍ୟାଳୟରେ ପାଠ ପଢ଼ନ୍ତି । ଲକ୍‌ଡାଉନ ଯୋଗୁ ତାଙ୍କୁ ସ୍କୁଲ ବନ୍ଦ ଥିବାବେଳେ ଅନ୍‌ଲାଇନ କ୍ଲାସ୍ ଚାଲୁଥିବାରୁ ତାଙ୍କୁ ଏଭଳି କାର୍ଯ୍ୟ କରିବାକୁ ପଡୁଛି । ବାପା ବୀରମାଦେବ ତାଙ୍କ ପାଇଁ ପାହାଡ଼ ଉପରେ ଟେବଲ, ଚେୟାର ପକାଇ ଦେଇଛନ୍ତି । ତାଙ୍କ ଅନୁସାରେ ହରୀଶ ଗତ ଦେଢ଼ ମାସ ହେଲା ସବୁଦିନ ସକାଳ ୮ଟାରେ ପାହାଡ଼ ଚଢ଼ିବା ଆରମ୍ଭ କରୁଛନ୍ତି । ଅପରାହ୍ନ ୨ଟାରେ କ୍ଲାସ ଶେଷହେବା ପରେ ଘରକୁ ଫେରୁଛନ୍ତି । ତଥାପି ଅନେକ ସମୟରେ ନେଟ୍‌ୱର୍କ ନ ମିଳିବାରୁ ସେ ବହୁ କ୍ଲାସ କରିପାରୁନାହାନ୍ତି ।

ମନ୍ଦାର ଫୁଲର ଅହଂ

ଉଷାକାଳର ମନୋରମ ସମୟ ଥିଲା । ବଗିଚାର ଏକ କୋଣରେ ମନ୍ଦାର ଫୁଲ ନିଜ ସୌନ୍ଦର୍ଯ୍ୟରେ ବୁଡ଼ି ମକରନ୍ଦର ବୈଭବ-ବିଳାସର ଅହଂରେ ଅଭିମାନ କରୁଥିଲେ । ବଗିଚାର ସେହି କୋଣରେ ଟଗର ଫୁଲର ଏକ ଛୋଟ ଗଛ ମଧ୍ୟ ଥିଲା । ମନ୍ଦାର ଫୁଲମାନଙ୍କ ମଧ୍ୟରୁ ଗୋଟିଏ ଟଗର ଫୁଲକୁ ଉପେକ୍ଷାଭରା ଦୃଷ୍ଟିରେ ଦେଖି କହିଲା 'ଆରେ, ତୁମେ ଜୀବନର କ'ଣ ମାନେ ଅଛି! ରୁଗ୍ଣ ଦିଶୁଥିବା ଦୁର୍ବଳ କାୟା । ରଙ୍ଗବିହୀନ ପାଖୁଡ଼ା । ମନେହୁଏ ବିଧାତା ବୋଧହୁଏ ତୁମକୁ କୌଣସି ପୂର୍ବ କର୍ମର ଫଳ ଦେଇଛନ୍ତି । ମୋ ଆଡ଼କୁ ଟିକିଏ ଚାହଁ । ହୃଷ୍ଟପୁଷ୍ଟ କଳେବର ସହିତ ରଙ୍ଗବେରଙ୍ଗ ରୂପ-ରାଶି ଏବଂ ମକରନ୍ଦର ବିପୁଳ ସମ୍ପଦ ମଧ୍ୟ ମୋତେ ମିଳିଛି ।' ଟଗର ଚୁପ୍‌ଚାପ୍ ମନ୍ଦାର ଫୁଲର କଥା ଶୁଣିଲା । କିନ୍ତୁ ମନେ ମନେ ସଂକଳ୍ପ ନେଲା, ନିଜକୁ ସଂଘବଦ୍ଧ କରି ମାଳୀକୁ ସମର୍ପଣ କରିଦେବାକୁ । ଏହି ସମୟରେ ମାଳୀ ବଗିଚାରେ ପହଞ୍ଚିଲା । ଚତୁଃପାର୍ଶ୍ୱକୁ ନଜର ବୁଲାଇଲା । ଟଗର ଫୁଲର ନିରବ ଆମନ୍ତ୍ରଣ ତାକୁ ତା' ନିକଟକୁ ଟାଣିନେଲା । ମାଳୀ ଟଗର ଫୁଲକୁ ଗୋଟି ଗୋଟି କରି ତୋଳିଲା ଏବଂ ମାଳା ଗୁନ୍ଥିଦେଲା । ସେହି ବଗିଚାରେ ଏକ ମନ୍ଦିର ଥିଲା । ସେହି ମାଳାକୁ ମନ୍ଦିରରେ ସ୍ଥାପିତ ଦେବ ପ୍ରତିମାଙ୍କୁ ଅର୍ପଣ କରିଦେଲା । ଟଗର ଫୁଲର ଖୁସିର ଠିକଣା ରହିଲା ନାହିଁ । ଟଗର ଫୁଲର ଏହି ସୁଖଦ ଗୌରବପୂର୍ଣ୍ଣ ସ୍ଥାନକୁ ଦେଖି ମନ୍ଦାର ଫୁଲର ଅହଂ ଭାଙ୍ଗିଗଲା । ଏକାନ୍ତରେ ସେ ଟଗରକୁ ଏହି ସ୍ଥିତିର ରହସ୍ୟ ପଚାରିଲା । ଟଗର ଉତ୍ତର ଦେଲା 'ବନ୍ଧୁ, ଅହଂକାରରହିତ ସହଯୋଗ, ସ୍ନେହର ସଦ୍‌ଭାବ ତଥା ଅନୁଶାସନ ହିଁ ଏହାର ରହସ୍ୟ । ଆମେ ସମସ୍ତେ ଏକ ମହାନ ଲକ୍ଷ୍ୟ ନିମନ୍ତେ ସମର୍ପିତ ଥିଲୁ । ସେଥିପାଇଁ ଆମେ ପ୍ରେମର ସୂତ୍ରରେ ବାନ୍ଧିହେବାକୁ ସ୍ୱୀକାର କରିନେଲୁ ।'

କରୋନା ରୋଗୀଙ୍କ ପାଇଁ ନର୍ସଙ୍କ ଭାଓଲିନ୍ ବାଦନ

ଚିଲିର ଜଣେ ନର୍ସ ଡମାରିସ ସିଲ୍‌ଭା (୨୬) ଏବେ ଚର୍ଚ୍ଚାରେ ଅଛନ୍ତି । ରାଜଧାନୀ ସାଣ୍ଟିଆଗୋର ଏଲ-ପିନୋ ହସ୍ପିଟାଲରେ ସେ ଚାକିରି କରୁଥିବାବେଳେ ଡ୍ୟୁଟି ସରିଯିବା ପରେ କରୋନା ରୋଗୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ମନୋରଞ୍ଜନ ପାଇଁ ଭାଓଲିନ୍ ବାଦନ କରୁଛନ୍ତି । ତାଙ୍କର ଏହି ମହତ ପ୍ରୟାସକୁ ସେଠାରେ ପ୍ରଶଂସା କରାଯାଉଛି । ଏ ସଂପର୍କରେ ଡମାରିସ୍ କହନ୍ତି, 'କରୋନା ସଙ୍କଟ ସମୟରେ ମୁଁ ଲୋକଙ୍କ ମଧ୍ୟରେ ସ୍ନେହ, ବିଶ୍ୱାସ ଏବଂ ଆଶା ବାଣ୍ଟୁଛି । ଲୋକଙ୍କ ଚାପ କମାଇବା ଲାଗି ମୁଁ ଏଭଳି କରୁଛି ।' ସିଲ୍‌ଭା ସପ୍ତାହକୁ ୨ଥର ସନ୍ଧ୍ୟା ପ୍ରାୟ ୬ଟା ସମୟରେ କରୋନା ରୋଗୀଙ୍କ ପାଇଁ ଉର୍ଦ୍ଧିଷ୍ଟ ୟୁନିଟ୍‌ରେ ପହଞ୍ଚିଥାନ୍ତି । ସେଠାରେ ଘଣ୍ଟା ଘଣ୍ଟା ଭାଓଲିନ୍ ବାଦନ କରନ୍ତି । ରୋଗୀଙ୍କ ପାଇଁ ସେମାନଙ୍କ ଅନୁରୋଧର ଗୀତ ବି ଗାଇଥାନ୍ତି । ହସ୍ପିଟାଲ ସ୍ୱାସ୍ଥ୍ୟକର୍ମୀମାନେ ମଧ୍ୟ ସିଲ୍‌ଭାଙ୍କ ଏହି ଭାଓଲିନ୍ ବାଦନକୁ ଉପଭୋଗ କରିଥାନ୍ତି । ଏହାଦ୍ୱାରା କିଛି ସମୟ ପାଇଁ ହେଲେ ମଧ୍ୟ ସେମାନେ ନିଜର ଦୁଃଖକୁ ଭୁଲିଯାଇଥାନ୍ତି । ସିଲ୍‌ଭାଙ୍କ ସହ କାମ କରୁଥିବା ଆଉ ଜଣେ ନର୍ସଙ୍କ ଅନୁସାରେ, ସେ ଆସିଲେ ହସ୍ପିଟାଲରର କର୍ମଚାରୀ ଏବଂ ରୋଗୀ ଖୁସି ହୋଇଯାଆନ୍ତି । ତାଙ୍କର ଭାଓଲିନ୍ ବାଦନ ପରେ ସମସ୍ତେ ତାଳି ମାରି ଉତ୍ସାହବର୍ଦ୍ଧନ କରନ୍ତି । ଏହା ହସ୍ପିଟାଲରେ ଏକ ଖୁସିର ବାତାବରଣ ସୃଷ୍ଟି କରେ । ପ୍ରକୃତରେ ସିଲ୍‌ଭା ମାନବତାର ଉଦାହରଣ ।

ଅଗଷ୍ଟ ୧୫ରେ ଆସିବେ ଗୁଞ୍ଜନ ସକ୍ସେନା

ଅଭିନେତ୍ରୀ ଜାହ୍ନବୀ କପୁରଙ୍କ ଅପ୍‌କମିଙ୍ଗ ଫିଲ୍ମ 'ଗୁଞ୍ଜନ ସକ୍ସେନା: ଦ କାରଗିଲ୍ ଗର୍ଲ'କୁ ରିଲିଜ୍ ତାରିଖ ମିଳିଯାଇଥିବା କୁହାଯାଉଛି । ସ୍ୱାଧୀନତା ଦିବସ ଅବସରରେ ନେଟ୍‌ଫ୍ଲିକ୍ସରେ ତାହା ମୁକ୍ତିଲାଭ କରିପାରେ । ଫିଲ୍ମ ସହ ଜଡ଼ିତ ଜଣେ ବ୍ୟକ୍ତି କହିଛନ୍ତି, 'ଏହା ଏକ ଦେଶଭକ୍ତି ମୂଳକ କାହାଣୀ । ତେଣୁ ଏହାର ରିଲିଜ୍ ପାଇଁ ଅଗଷ୍ଟ ୧୫ ତାରିଖ ସବୁଠୁ ଭଲ ଦିନ ବୋଲି ଚିନ୍ତା କରାଯାଉଛି । ଫିଲ୍ମର ଏକ ନାଟନୀୟ ଟ୍ରେଲର ପ୍ରସ୍ତୁତ ହେଉଛି । ଆଗାମୀ ୧୦ଦିନ ମଧ୍ୟରେ ତାକୁ ଜାରି କରାଯିବ । ଏହା ପୂର୍ବରୁ ନିର୍ମାତାମାନେ ଫିଲ୍ମର ରିଲିଜ୍ ପାଇଁ ବିଭିନ୍ନ ତାରିଖ ସଂପର୍କରେ ଚିନ୍ତା କରୁଥିଲେ । ସେଥିମଧ୍ୟରେ ଜୁଲାଇ ୨୬ ଅର୍ଥାତ୍ କାରଗିଲ ଦିବସ ବି ସାମିଲ ଥିଲା । କିନ୍ତୁ ପୋଷ୍ଟ ପ୍ରଡକ୍ସନ୍‌ରେ ଅଧିକ ସମୟ ଲାଗିବାରୁ ରିଲିଜ୍‌କୁ କିଛି ସପ୍ତାହ ଆଗକୁ ଘୁଞ୍ଚାଯାଇଛି । ଏପରିସ୍ଥଳେ ଯଦି ସବୁକିଛଇ ଠିକ୍‌ଠାକ୍ ରହେ ତା' ହେଲେ ଆଗାମୀ ୨୬ ତାରିଖରେ ଟ୍ରେଲର ସାମ୍ନାକୁ ଆସିପାରେ ।' ସୂଚନାଥାଉକି, ଏହି ଫିଲ୍ମ ଭାରତୀୟ ବାୟୁସେନାର ପାଇଲଟ ଗୁଞ୍ଜନ ସକ୍ସେନାଙ୍କ ଜୀବନୀ ଉପରେ ଆଧାରିତ । ୧୯୯୯ କାରଗିଲ୍ ଯୁଦ୍ଧ ସମୟରେ ସେ ଚିତା ହେଲିକପ୍ଟର ଉଡ଼ାଇ ଇତିହାସ ରଚିଥିଲେ । ଜାହ୍ନବୀ ଏଥିରେ ଗୁଞ୍ଜନ ସକ୍ସେନାଙ୍କ ଭୂମିକା ନର୍ବାହ କରୁଛନ୍ତି । ପଙ୍କଜ କପୁରଙ୍କୁ ତାଙ୍କର ପତାଙ୍କ ଭୂମିକାରେ ଦେଖିବାକୁ ମିଳିବ ।

ସ୍ୱାସ୍ଥ୍ୟ ମନ୍ତ୍ର

ଜିମ୍‌ରେ ବ୍ୟାୟାମ ବେଳେ ଜୋତା ପିନ୍ଧିବା ଉଚିତ । ତେବେ, ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦେବା ଉଚିତ । ବ୍ୟାୟାମଶାଳା ଜୀବାଣୁ ମୁକ୍ତ କରିବା ଆବଶ୍ୟକ । ତେଣୁ, ରାସ୍ତା-ଘାଟରେ ପିନ୍ଧାଯାଉଥିବା ଜୋତା ପିନ୍ଧି ଜିମ୍ ଯାଆନ୍ତୁନାହିଁ । ଏହାଦ୍ୱାରା ଜିମ୍‌ର ପରିବେଶ ଅପରିଚ୍ଛନ୍ନ ହେବା ସହ ଜୀବାଣୁ-ଭୂତାଣୁଶାଳା ପାଲଟିବାର ଆଶଙ୍କା ରହିଛି । ବ୍ୟାୟାମ ପାଇଁ ଅଲଗା ହଳେ ଜୋତା ରଖନ୍ତୁ । ତାହାକୁ ସଙ୍ଗରେ ନେଇ ଜିମ୍ ଆସନ୍ତୁ । ବ୍ୟାୟାମଶାଳା ଭିତରକୁ ପଶିବା ପୂର୍ବରୁ ପିନ୍ଧନ୍ତୁ । ବ୍ୟାୟାମ ପରେ କାଢ଼ି ବ୍ୟାଗ୍‌ରେ ରଖନ୍ତୁ । ଅନ୍ୟ କୌଣସି ସ୍ଥାନରେ ତାହା ବ୍ୟବହାର କରନ୍ତୁ ନାହିଁ । ସର୍ବଦା ମୋଜା ସହ ଜୋତା ପିନ୍ଧନ୍ତୁ । ପ୍ରତି ଦିନ ବ୍ୟାୟାମ ପରେ ମୋଜା ଧୋଇ, ଖରାରେ ଶୁଖାନ୍ତୁ । ଝାଲୁଆ ମୋଜା ବ୍ୟବହାର କଲେ କବଚ (ଫିଙ୍ଗସ୍) ଜନିତ ବ୍ୟାଧି ଆକ୍ରମଣ କରିପାରେ । ଭିନ୍ନ ଭିନ୍ନ ବ୍ୟାୟାମ ପାଇଁ ଭିନ୍ନ ଭିନ୍ନ ଜୋତା ରହିଛି । ତେବେ, ଏକାଧିକ ଜୋତା କିଣିବା ସମସ୍ତଙ୍କ ପକ୍ଷେ ସଂଭବ ନୁହେଁ । ତେଣୁ, କେତେଟି ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ । ହାଲୁକା ଓ ଆରାମଦାୟକ ଜୋତା ବାଛନ୍ତୁ । ନିଜ ପାଦର ଆକାର ସହ ମେଳ ଖାଉଥିବା ଜୋତା ପିନ୍ଧନ୍ତୁ । ଛୋଟ ବା ବଡ଼ ପିନ୍ଧନ୍ତୁ ନାହିଁ । ଟ୍ରେଡ୍ ମିଲ୍‌ରେ ଦୌଡ଼ିବା ପାଇଁ ମିଳୁଥିବା ଜୋତା ପିନ୍ଧି, ଜିମ୍‌ରେ ଅନ୍ୟ ସମସ୍ତ ପ୍ରକାରର ବ୍ୟାୟାମ କରାଯାଇପାରେ ।

ସବୁଠୁ ଶସ୍ତା ବିମାନସେବା

ଗତ କିଛି ବର୍ଷ ମଧ୍ୟରେ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିମାନଯାତ୍ରୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି । ବିମାନ ଭଡ଼ା ପୂର୍ବାପେକ୍ଷା ହ୍ରାସ ପାଇଥିବାରୁ ଯାତ୍ରୀଙ୍କ ସଂଖ୍ୟା ବଢ଼ିବା ଅନ୍ୟତମ ମୁଖ୍ୟ କାରଣ । ଭାରତରେ 'ଏୟାର ଏସିଆ' ସବୁଠୁ ଉମ୍ମାନର ବିମାନସେବା ଦେଉଥିବାର ଏକ ସର୍ବେକ୍ଷଣରୁ ପ୍ରକାଶିତ । ଏୟାର ଏସିଆର ମୁମ୍ବାଇ-କୁଆଲାଲମପୁର ବିମାନ ଭଡ଼ା ୪୪୯୯ଟଙ୍କାରୁ ଆରମ୍ଭ ହେଉଥିବାବେଳେ କଲକାତାରୁ ଫୁକେଟ ବିମାନ ଭଡ଼ା ୭୧୯୯ ଟଙ୍କାରୁ ଆରମ୍ଭ । ଏୟାର ଏସିଆ ବିମାନର ବୈଶିଷ୍ଟ୍ୟ ହେଉଛି ଯାତ୍ରୀଙ୍କ ଆବଶ୍ୟକତା ଅନୁସାରେ ଆସନଟି ଗୋଟିଏ ସୁଇଚ୍ ଟିପିଲେ ଶଯ୍ୟାକୁ ରୂପାନ୍ତର ହୋଇଥାଏ । ଚଳିତ ଗ୍ରୀଷ୍ମ ଅବକାଶ ସମୟରେ ଏୟାରଏସିଆ ବିମାନ ଦ୍ୱାରା ଭାରତୀୟ ଯାତ୍ରୀମାନେ ସନ୍ତୋଷଜନକ ଯାତା କରିଥିବାର ମତ ପ୍ରକାଶ ହୋଇଛି ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଭଟ୍ଟା ସମ୍ପର୍କ...

ଭାରତ ଓ ଚୀନ ମଧ୍ୟରେ କୂଟନୈତିକ ଯୁଦ୍ଧର ସୀମା ଏବେ ଆଉ ଏକ ଦିଗକୁ ସଂପ୍ରସାରିତ ହୋଇଛି । ଇରାନର ଚାବାହର ବନ୍ଦର ଉପରେ ଚୀନ ଆଖି ପକାଇଛି ଓ ଏହାର ପ୍ରଥମ ଧକ୍କା ଭାରତକୁ ଲାଗିଛି ଚଳିତ ସପ୍ତାହରେ । ୬୨୮ କିଲୋମିଟର ଦୀର୍ଘ ଦାୟେରାମ ଜାରାଞ୍ଜ ଯୁଗ୍ମ ରେଳ ପ୍ରକଳ୍ପରୁ ଇରାନ ଭାରତକୁ ବାଦ୍ ଦେଇଛି । ୪୦୦ ନିୟୁତ ଡଲାର ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ରେଳପଥ ନିର୍ମାଣ ସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇରାନ ଗସ୍ତ ସମୟରେ ୨୦୧୬ ମସିହାରେ ଉଭୟପକ୍ଷେ ଏହି ରାଜିନାମା ସ୍ୱାକ୍ଷର କରିଥିଲେ । ଚାବାହାର ବନ୍ଦର ନିକଟରୁ ଇରାନ-ଆଫଗାନିସ୍ତାନ ସୀମାକୁ ସଂଯୋଗ କରିବା ସକାଶେ ଉଦ୍ଦିଷ୍ଟ ଏହି ରେଳପଥ ନିର୍ମିତ ହୋଇଥିଲେ ଭାରତକୁ ଚାବାହାର ବନ୍ଦର ଓ ରେଳପଥ ଦେଇ ଆଫଗାନିସ୍ତାନରୁ ସିଧାସଳଖ ସଂଯୋଗ ସୁବିଧା ମିଳିଥାନ୍ତା । ପାକିସ୍ତାନ ତା'ର ସୀମା ଦେଇ ଭାରତ-ଆଫଗାନିସ୍ତାନ ସଂଯୋଗ ପଥ ପାଇଁ ଅନୁମତି ନଦେବାର ଏହା ହୋଇଥାନ୍ତା ଠିକଣା ଜବାବ । କେବଳ ଭାରତ ନୁହେଁ, ଇରାନ ମଧ୍ୟ ଏହି ପ୍ରକଳ୍ପ ନିମନ୍ତେ ଆଗଭର ହୋଇଥିଲା । କିନ୍ତୁ ଚାରିବର୍ଷ ଭିତରେ ଏ ଦିଗରେ ଆବଶ୍ୟକ କାର୍ଯ୍ୟ ପ୍ରଗତି ଘଟିନଥିବା କାରଣ ଦର୍ଶାଇ ଇରାନ ଏହି ପ୍ରକଳ୍ପରୁ ଭାରତକୁ ବାଦ୍ ଦେଇଛି । ଏଥିପାଇଁ ଇରାନ ନିଜ ଦେଶର ରାଷ୍ଟ୍ରୀୟ ବିକାଶ ବ୍ୟାଙ୍କରୁ ୪୦୦ ନିୟୁତ ଡଲାର ଋଣ ନେଇ ୨୦୨୨ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରିବ ବୋଲି ଘୋଷଣା କରିଛି । ତେବେ ହଠାତ୍ ଦୁଇ ଦେଶ ସହଯୋଗ ଓ ସହମତିରେ ଏପରି ପ୍ରତିକୂଳ ସ୍ଥିତି ଉତ୍ପନ୍ନ କାରଣ କ'ଣ ହୋଇପାରେ ? ଭାରତ ଇରାନ ରେ ଅନେକ ପ୍ରକଳ୍ପରେ ସହଭାଗୀ ହୋଇଛି । ଚାବାହାର ବନ୍ଦର ଦ୍ୱିତୀୟ ବନ୍ଦର ଏବେ ମିଳିତ ସହଯୋଗରେ କାର୍ଯ୍ୟକ୍ଷମ । ତେଣୁ ଇରାନର ଏହି ସିଦ୍ଧାନ୍ତ ଭାରତକୁ କ୍ଷୁବ୍ଧ କରିବା ସ୍ୱାଭାବିକ । କିନ୍ତୁ ଏଭଳି ଘଟଣାକ୍ରମେ ପୃଷ୍ଠଭୂମିରେ ଚୀନ ରହିଥିବା ଧୀରେ ସ୍ପଷ୍ଟ ହେବାରେ ଲାଗିଛି । ନିକଟରେ ଇରାନ ଓ ଚୀନ ମଧ୍ୟରେ ୨୫ ବର୍ଷିୟା ରଣନୀତିକ ସହଭାଗିତା ରାଜିନାମା ସ୍ୱାକ୍ଷରିତ ହୋଇଛି ଓ ଏହାର ପ୍ରଥମ ସର୍ତ୍ତ ହେଲା, ସମୟକ୍ରମେ ଚୀନ ଇରାନରେ ୪୦୦ ବିଲିଅନ ଡଲାର ପୁଞ୍ଜି ନିବେଶ କରିବ । ତେଣୁ ଚାବାହାର ବନ୍ଦରକୁ ସମୟକ୍ରମେ ଇରାନ ଲିଜ୍‌ରେ ଚୀନ ହାତରେ ସମର୍ପି ଦେବ ବୋଲି ଶୁଣିବାକୁ ମିଳେ । ଏହା କ୍ଷେତ୍ରୀୟ କୂଟନୀତି ଅବା ଅର୍ଥନୀତି ଉପରେ ଯାହାକିଛି ପ୍ରଭାବ ପକାଉ ନା କାହିଁକି, ଭାରତ ପାଇଁ ଏକ ବିରାଟ କୂଟନୈତିକ ଧକ୍କା, ଏକଥା ସୁନିଶ୍ଚିତ । ଏହାଦ୍ୱାରା ଭାରତକୁ ଇରାନ, ଆଫଗାନିସ୍ତାନ କିମ୍ବା କେନ୍ଦ୍ର ଏସିଆକୁ ଆଉ ସିଧାସଳଖ ପ୍ରବେଶ ପଥ ମିଳିବ ନାହିଁ । ଇରାନ-ଭାରତ ସଂପର୍କ ଅତି ପ୍ରାଚୀନ ଓ ଉଭୟ ରାଷ୍ଟ୍ର ପରସ୍ପରର ପରମ ବନ୍ଧୁ । ଏପରିକି ଏକଦା ଆମେରିକା କଟକଣା ବିରୋଧରେ ଇରାନକୁ ଭାରତ ସମର୍ଥନ ଜଣାଇଥିଲା । ନିକଟରେ ଆମେରିକୀୟ କଟକଣା ସତ୍ତ୍ୱେ ଭାରତ ଇରାନଠାରୁ ତୈଳ କ୍ରୟ ଜାରି ରଖିଥିଲା । କିନ୍ତୁ ଭାରତ ଆମେରିକା ସଂପର୍କ ଯେତିକି ନିବିଡ଼ ହେଉଛି, ଆମେରିକାର ବିରୋଧୀ ଚୀନ ଅବା ଇରାନ ସେତିକି ନିକଟତର ହେଉଛନ୍ତି । ଚୀନ ସହ ସଂପର୍କ ବୃଦ୍ଧି କଲେ ଭବିଷ୍ୟତରେ ଇରାନ ସରକାର ସେ ଦେଶଠାରୁ ଅସ୍ତ୍ରଶସ୍ତ୍ର ଓ ଆଣବିକ ଶକ୍ତି ସମ୍ବର୍ଦ୍ଧନ ସହଯୋଗ ହାସଲ କରିପାରିବ । ପୁଣି ଚୀନ (ରୁଷିଆ ସମେତ) ଆମେରିକା ଚାଲେଞ୍ଜକୁ ପ୍ରତିହତ କଲାଭଳି ଯୁଦ୍ଧାସ୍ତ୍ର ଇରାନକୁ ଯୋଗାଇବ । କିନ୍ତୁ ଭାରତ ତାହା କରିବ ବୋଲି କିଛି ଗ୍ୟାରେଣ୍ଟି ନାହିଁ । ପ୍ରତିବଦଳରେ ଚୀନ ଇରାନର ବିଶାଳ ତୈଳଭଣ୍ଡାରକୁ ଅକ୍ତିଆର କରିପାରେ । ତେଣୁ ମଧ୍ୟପ୍ରାଚ୍ୟ ଭୂ-କୂଟନୀତିରେ ଭାରତ ବୃହତ୍ ଶକ୍ତି ବିବାଦର ଶରବ୍ୟ ହୋଇଛି । ତେବେ ପ୍ରଶ୍ନ ଉଠେ, ସ୍ୱାକ୍ଷର ପରେ କାର୍ଯ୍ୟ ପ୍ରଗତି ନଘଟିବାର କାରଣ କ'ଣ ହୋଇପାରେ ? ଏକଥା ନିଶ୍ଚିତ ଯେ 'ବିଗ୍ ବ୍ରଦର' ଆମେରିକାକୁ କୌଣସି ପ୍ରକାର ଅସନ୍ତୋଷ କରିବାକୁ ଭାରତ ନାରାଜ । ତେଣୁ ଭାରତର ଇରକନ ଓ ଇରାନର ରେଳବାଇ ମଧ୍ୟରେ ସମନ୍ୱୟ ରହିଲା ନାହିଁ କି ଭାରତ ସେଠାରେ ବୈଷୟିକ ପ୍ରଯୁକ୍ତି, ରେଳପଥ ନିର୍ମାଣ ସାଧନ ପହଞ୍ଚାଇଲା ନାହିଁ । ଉଭୟ ପକ୍ଷ ଏଭଳି ଛକାପଞ୍ଜା ମଧ୍ୟରେ ରହିବା ଯୋଗୁଁ ତୃତୀୟପକ୍ଷ (ଚୀନ) ସେଥିରୁ ଫାଇଦା ଉଠାଇବା ସକାଶେ ଆଗେଇ ଆସିଥାଇପାରେ । ତେଣୁ ଚାବାହାର ବନ୍ଦର ପ୍ରକଳ୍ପ ଏବଂ ଫର୍ଜାଦ୍-ବି ବ୍ଲକ ଆଦି ମିଳିତ ପ୍ରକଳ୍ପରେ ଯେଭଳି ଦୁଇ ଦେଶ ଯଥାରୀତି କାଏମ ରହିପାରିବେ ଓ ପୁଣି ସ୍ୱାଭାବିକତା ଫେରିଆସିବ, ନିଜ ସ୍ୱାର୍ଥ ଦୃଷ୍ଟିରୁ ନୂଆଦିଲ୍ଲୀ ସେ ଦିଗରେ ରଣନୀତି ପ୍ରସ୍ତୁତ କରିବା ଆବଶ୍ୟକ ।

ବିଜୟର ପରାଜୟ.....

କୁନା ସେଠୀ (ଶିକ୍ଷକ)

ଆସିଥିଲା ସିଏ କେନ୍ଦ୍ରାପଡ଼ାରୁ
ହୃଦୟରେ ଘେନି କଳା
ସେହି କଳା ତାକୁ କଳାକାର କରି
କରିଥିଲା ନନ୍ଦ କଳା ।

ଫୁଟାଇ ଥିଲା ସେ ଜୀବନ୍ତ ଚରିତ୍ର
ଅଭିନୟ ଯାଦୁ ଧାରେ
ଆଖିର ଲୁହକୁ ଓଠ ପିଇ ଯାଏ
ଆଖି ରହେ ପରଦାରେ ।

ପିଲାଠାରୁ ବୁଢ଼ା ସଭିଏଁ ଚିହ୍ନନ୍ତି
ବିଜୟ ମହାନ୍ତି ନାମେ
ହସ ହସ ମୁଖ ହସ ତା ଚେହେରା
ଚରିତ୍ରରେ ଭଲ ଜମେ ।

ବାପା ପରି ବାପା ଭାଇ ପରି ଭାଇ
ହିରୋ ପରି ହିରୋ ଟିଏ
ଅଭିନୟ କରି ଦୁନିଆ ଲୋକର
ମନ ସିଏ କିଣି ନିଏ ।

ତାହାରି ସଂଳାପ ଲୁହ ନ ଝରାଇ
ରଖିଛି କାହାର କୁହ

ଦୁଃଖୀ ଚରିତ୍ରରେ ସିଏ ତ କାନ୍ଦଇ
ବଢ଼ଇ ଜନତା କୋହ ।

ଲଭିନି ଜୀବନେ ପରାଜୟ କେବେ
ଖଳନାୟକ ର ଭାବେ
ରଗେଇ ମାରିଛି ସାରା ଜନତାକୁ
କେଉଁ ସିନେମାରେ କେବେ ।

ସଭିଙ୍କର ପ୍ରିୟ ବିଜୟ ଭାଇନା
ନାଟ୍ୟ ନିର୍ଦ୍ଦେଶକ ରୂପେ
ଯେଉଁ ଦାୟିତ୍ୱରେ ଥିଲେ ବି ତ ସିଏ
ଫୁଟି ଉଠୁଥାନ୍ତି ଆପେ ।

ଆସି ଅଛି ଯିଏ ଲେଉଟିବ ସିଏ
ଏ କଥା ନୁହଁଇ ମିଛ
ମର୍ତ୍ତ୍ୟପୂର ପରା ଅସ୍ଥାୟୀ ସଂସାର
ଚାଲି ଯିବା ପଛ ପଛ ।

ଲଢ଼ିଛି ଜୀବନେ କରିଛି ସଂଗ୍ରାମ
ଜିତିଛି କେତେ ସେ ଯୁଦ୍ଧ
ଶେଷ ଯୁଦ୍ଧ ସିଏ ଲଢ଼ି ହାରିଗଲା
ଲଭେ ପରାଜୟ ବୋଧ ।

ଜିତିନି କିଏ ବି ଜିତି ପାରିବନି
ମୃତ୍ୟୁ ସହ ଲଢ଼ି କରି
ହାରିବା ନିଶ୍ଚିତ ହୁଏ ଜୀବନରେ
ତାହାରି ଚରଣ ଧରି ।

ଆହେ କଳାକାର ଘେନ ମୋ ପ୍ରଣାମ
ତୁମ ପ୍ରଶଂସକ ଜଣେ
ପିଲାବେଳ ଠାରୁ ତୁମକୁ ଚିହ୍ନିଛି
ତୁମକୁ ଆଦର୍ଶ ମଣେ ।

+ ଭୂତସରସିଙ୍ଗି
ଗଞ୍ଜାମ

ଇଂ. ବିଦ୍ୟାଧର ପଣ୍ଡା

ଆମ ଓଡିଶାର୍ ବିକାଶବେଗ ଏତେ ମନ୍ଥର୍ କାହିଁକି !

(ପୂର୍ବ ପ୍ରକାଶିତ ଉତ୍ତାରୁ....)

ଢେଙ୍କାନାଳ, ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର୍ ପରି କେତେକ ଜାଗାରେ ପ୍ରଚୁର ପରିମାଣରେ ଗ୍ରାଫାଇଟ୍ ଅଛି, ଯାହାକି ପେନସିଲ୍‌ର ଲିଡ୍, ଛାଂଚ ସହ ପରମାଣୁ ଶକ୍ତିର ଉତ୍ପାଦନ ପାଇଁ ବ୍ୟବହୃତ ହୁଏ। ପଶ୍ଚିମ ଓଡିଶାର କିଛି ଜିଲ୍ଲାରେ ବକ୍ସାଇଟ୍ ଖଣି ମଧ୍ୟ ରହିଛି। ଏଥିରୁ ଆଲୁମିୟମ୍ ପ୍ରସ୍ତୁତ କରାଯାଇଥାଏ। ରୋଷେଇଘର ବାସନ କୁସନରୁ ପ୍ରତିରକ୍ଷା ବିଭାଗର ବଡବଡ ଯୁଦ୍ଧଜାହାଜ ନିର୍ମାଣରେ ଏହାର ଆବଶ୍ୟକତା ରହିଛି। ବିରମିତ୍ରପୁର, ହାତୀବାଡି, କୋଟପାଡ ଓ ଡୁଙ୍ଗ୍ରୀ ଆଦିଜାଗାରେ ଉତ୍କୃଷ୍ଟ ଚୂନପଥର ଖଣି ରହିଛି। ଏହାଛଡା ଡୋଲାମାଇଟ୍, ନିକେଲ, ଚୀନାମାଟି, ସୀସା ଓ ଅଭ୍ରର ମଧ୍ୟ ଅନେକ ଖଣି ଓଡିଶାରେ ଅଛି। ଏତେ ସବୁଥାଇ ଏପର୍ଯ୍ୟନ୍ତ ଆମ ଓଡିଶା ଏତେ ପଛରେ କାହିଁକି ? କାହିଁକି ଏପର୍ଯ୍ୟନ୍ତ ଶିଳ୍ପ ସମୃଦ୍ଧ ନୁହେଁ ? କାହିଁକି ରାଜ୍ୟର ଅଧିକାଂଶ ଯୁବକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ? ଜାଗା ଅଛି, ଶ୍ରମିକ ଅଛନ୍ତି, କଳକାରଖାନା ପାଇଁ କଚାମାଲ୍ ସହ ଇନ୍ଧନଶକ୍ତି ପାଇଁ କୋଇଲା ବି ଭରପୁର ମିଳିବ। ତଥାପି ଆଜି ଆମେ ଏତେ ଅସହାୟ କାହିଁକି !

ଆଜିର ଏହି ଦୟନୀୟ ଅବସ୍ଥା ପାଇଁ ଦାୟୀ କିଏ ? ବିକାଶ ରାସ୍ତାରେ ପ୍ରକୃତ ପ୍ରତିବନ୍ଧକ କଣ ? ତୁମେ ତ ଶିକ୍ଷିତ ଲୋକ। ମୁଁ ମୁର୍ଖ ହିସାବରେ ପଚାରୁଛି ମୋତେ କୁହ, ଆଜି ଆମ ରାଜ୍ୟର ବହୁତ ଚାଷଜମି ପଡିଆ କାହିଁକି ପଡୁଛି ? ଲୋକେ ଚାଷ ନକରି ଦାଦନ ଯିବାକୁ କାହିଁକି ପସନ୍ଦ କରୁଛନ୍ତି ? ତୁମକୁ ଦେଖିଲେ ଲାଗୁଛି ଆମରି ପୂର୍ବପୁରୁଷ ଏଇ ବିଶ୍ୱପ୍ରସିଦ୍ଧ କୋଣାର୍କ ମନ୍ଦିର ଗଢିଥିବେ ବୋଲି ? ମୋତେ କିନ୍ତୁ ବିଶ୍ୱାସ ହେଉନି। ଜାଭା ସୁମିତ୍ରା ଯାଇ ଯେଉଁ ଓଡିଆପୁଅ ସାତଦରିଆ ପାରିହୋଇ ବେପାରବଣିଜ କରିବାକୁ ସମର୍ଥ ଥିଲା ଆମେ କ'ଣ ସତରେ ତାଙ୍କରି ଦାୟାଦ ! ଯଦି ତାଙ୍କରି ବଂଶଧର ତେବେ ଆମକୁ ଭିକାରି କଲା କିଏ ? କେହିତ ଜଣେ ଏପରି ଅଭାବନୀୟ ପରିସ୍ଥିତି ପାଇଁ ନିଜକୁ ଦାୟୀ କରିବା ଉଚିତ୍। ତୁମେ ଏତେ ପାଠ ପଢିଛ, ବିଶ୍ୱବିଦ୍ୟାଳୟରେ ପଢାଉଛ ଯେତେବେଳେ ଏହାର ସଠିକ୍ ଉତ୍ତର ମୋତେ ଦିଅ। ଦୀର୍ଘ ନିଃଶ୍ୱାସଟିଏ ଛାଡି ଅଧ୍ୟାପକ ଜଣକ ବିମ୍ବାଧରକୁ କହିଲେ,

- ମଉସା ! ଆମର ସବୁଥାଇ ବି ଆମେ ଆଜି ନିଃଶ୍ୱ। ଏକଥା ସତ ଯେ ଆମର ପୂର୍ବପୁରୁଷ ସାହସୀ ଓ କର୍ମଠ ଥଲେ। କିନ୍ତୁ ଆମେ ଆଜି ଅନ୍ୟରାଜ୍ୟ ଉପରେ ସମ୍ପୂର୍ଣ୍ଣ ନିର୍ଭର। ଏଥିପାଇଁ ଦାୟୀ ଆମର ଏହି ସମାଜ। ଏହି ସମାଜ ଯେଉଁ ଜନପ୍ରତିନିଧି ମାନଙ୍କୁ ନିର୍ବାଚିତ କରି ଗାଦିରେ ବସେଇଲେ ସେମାନଙ୍କ ଭିତରୁ କେବଳ ମାତ୍ର ହାତଗଣତି ଦୁଇ ତିନିଜଣଙ୍କୁ ଛାଡିଦେଲେ ଅନ୍ୟ ସମସ୍ତେ ସମୁହକଥା ଭୁଲିଯାଇ ନିଜ ସ୍ୱାର୍ଥକୁ ସାରଥୀ କରି ରାଜ୍ୟକୁ ଲୁଟି ଖାଇଲେ। ସ୍ୱାଧୀନତା ପରଠାରୁ ଆମରାଜ୍ୟର ଅଧିକାଂଶ ସର୍ବୋଚ୍ଚ ନେତାମାନଙ୍କର ଦୂରଦୃଷ୍ଟିହୀନତା ଯୋଗୁଁ ଓଡିଶାରେ ପ୍ରଚୁର ଖଣିଜ ସମ୍ପଦ ପରିପୂର୍ଣ୍ଣ ହୋଇଥିଲେ ହେଁ ଶିଳ୍ପର ବିକାଶ ଅତ୍ୟନ୍ତ ନୈରାଶ୍ୟପୂର୍ଣ୍ଣ। ଓଡିଶାରୁ ବହୁପରିମାଣରେ ଖଣିଜପଦାର୍ଥ ବିଦେଶକୁ ରପ୍ତାନି ହେଉଛି ଯେଉଁଥିରେ ଅନ୍ୟଦେଶ ଶିଳ୍ପସମୃଦ୍ଧ ହୋଇ ଉନ୍ନତି କରୁଛି ଏବଂ ଆମରାଜ୍ୟର କିଛି ଖଣିମାଲିକ ଏବଂ ଦଲାଲ୍‌ମାନେ କେବଳ ଉପକୃତ ହେଉଛନ୍ତି। କିନ୍ତୁ ଓଡିଶାର ଜନ ସାଧାରଣ ଯେଁଉଠି ସେଇଠି। ମଉସା ! ଏବେ ରାଜ୍ୟ ସରକାର ଏଥିପ୍ରତି ତୁରନ୍ତ ଧ୍ୟାନ ନଦେଲେ ପରିସ୍ଥିତି ଅସମ୍ଭାଳ ହେବ। ନୂଆ ଶିଳ୍ପ କଥା ଛାଡ, ପ୍ରଥମେ ତାଲାପଡିଥିବା ପୁରୁଣା ଶିଳ୍ପଗୁଡିକୁ ତୁରନ୍ତ ପୁନରୁଦ୍ଧାର ପୂର୍ବକ ଚାଲୁକରି ଫେରିଥିବା ଦାଦନଭାଇମାନଙ୍କୁ ଯଦି ଦୁଇ ତିନିମାସ ଭିତରେ ଥଇଥାନ କରାନଯାଏ ତେବେ ଓଡିଶାରେ ପୁଣିଥରେ ଖାଦ୍ୟାଭାବରୁ ମୃତ୍ୟୁହେବା ଖବର ପ୍ରତିଦିନ ଶୁଣିବାକୁ ମିଳିବ। ବୁଢା ଚିହିଙ୍କି ଉଠି କହିଲା, - 'ଠିକ୍ କହିଛୁ ପୁଅ ! ଦୁଇ ତିନିମାସ କଥା ନୁହେଁ। ମାସ ଗୋଟାଏରେ ଯଦି ମୋ'ପୁଅ ଦୁଇଟା କିଛି କାମ ନପାଆନ୍ତି ପ୍ରଥମେ ବୁଢୀ ଚାଲିଯିବ। ମଧୁମେହ ସାଙ୍ଗକୁ ଉଚ୍ଚ ରକ୍ତଚାପ ରୋଗ ଦଶବର୍ଷ ପୁରୁଣା। ମାସେହେଲା ଔଷଧପତ୍ର କିଣା ବନ୍ଦ। ତା'ପରେ ମୋର ପାଳି। ଆମ ପରିବାରରେ ମଧ୍ୟ ସେମିତି ନିକଟ ଭବିଷ୍ୟତରେ ଅନାହାର ମୃତ୍ୟୁ ହେବାର ଯଥେଷ୍ଟ ସମ୍ଭାବନା ଅଛି। ଯାହା ଭାଗ୍ୟରେ ଥିବ ଘଟିବ। କିନ୍ତୁ ପୁଅ ! ମୋର ମୁଖ୍ୟ ପ୍ରଶ୍ନ ଥିଲା - ଆମ ଓଡିଶାର ବିକାଶବେଗ ଏତେ ମନ୍ଥର କାହିଁକି ? ତାର ଉତ୍ତର ତ ଦେଲୁନି !' ଅଧ୍ୟାପକ ବସିବା ଜାଗାରୁ ଉଠି ଯିବାକୁ ସାଇକେଲ୍ ସଳଖି କହିଲେ - ମୋର ଜରୁରୀ କାମ ଅଛି। ମୁଁ ଆସୁଛି ମଉସା ! ନମସ୍କାର। (ସମାପ୍ତ)

+ ବି.ଟେକ୍. ସିଭିଲ୍,
ଏମ୍.ଟେକ୍.(ପରିବେଶ), ଏଲ୍‌ଏଲ୍‌ବି
ଏଲ୍-୧୭/୧୫, ଫଂଚଶଖା ନଗର,
ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-
୭୫୧୦୧୯,
ମୋ- ୯୪୩୯୧୨୮୦୫୦ /
୭୯୭୮୦୧୯୦୮୧,
bdpanda1@gmail.com

ସୌମେନ୍ଦ୍ର ଜେନା

ବିଚିତ୍ର ଭାରତ

ନିକଟରେ ଆମେରିକାରେ ଜଣେ କଳାଲୋକର ପୋଲିସ ହାତରେ ମିନିଆପଲିସଠାରେ ମୃତ୍ୟୁ ହେବା ଘଟଣାକୁ ନେଇ ଯେଉଁସବୁ ବିକ୍ଷୋଭ ଭିନ୍ନ ଭିନ୍ନ ସହରରେ ହେଲା ସେଠାରେ ଜଳାପୋଡା ଘଟଣାମାନ ଘଟିଲା । ଦୋକାନ ବଜାର ସବୁ ବିକ୍ଷୋଭକାରୀଙ୍କ ଦ୍ୱାରା ଲୁଟ ହେଲା । ଏସବୁ ପୋଡାଜଳାରୁ ଆନନ୍ଦ ଲାଭ କରୁଥିବା ଜଣେ ଭାରତର ସାମ୍ବାଦିକ ବିନୋଦ ଦୁଆ ତାଙ୍କ ୱେବ ପତ୍ରିକାରେ ଏମିତି ବିକ୍ଷୋଭ ଭାରତରେ ହେବା ଆବଶ୍ୟକ ବୋଲି ମତ ଦେଲେ । ଦେଶରେ ଲକ୍‌ଡାଉନ୍ ଚାଲିଥିବାରୁ ପୋଡାଜଳା ପରି ଦଙ୍ଗା ଘଟାଇବା ସମ୍ଭବ ହେଉନାହିଁ । ଏହି ସାମ୍ବାଦିକ ଜଣକ ନୂଆଦିଲ୍ଲୀରେ ଘଟିଥିବା ଶାହିନବାଗ ଦଙ୍ଗାର ଆଗୁଆ ସମର୍ଥକ ଥିଲେ । ସେଠାକାର ଦଙ୍ଗାଗୋଳକାରୀଙ୍କ ସାକ୍ଷାତକାର ମଧ୍ୟ ପ୍ରକାଶ କରୁଥିଲେ । ଏହା ବିଚିତ୍ର ଭାରତର ଗୋଟିଏ ଅଂଶ । ଗଣତନ୍ତ୍ରର ସ୍ୱେଚ୍ଛାଚାରର ଇଏ ଆଉ ଏକ ନମୂନା । ଠିକ୍ ସେମିତି ଛତିଶଗଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜିତ ଯୋଗୀଙ୍କର ମୃତ୍ୟୁ ନିକଟରେ ହୋଇଥିଲା । ଜୀବନସାରା ଭୋଟପାଇଁ ନିଜକୁ ହିନ୍ଦୁ ବୋଲି କହୁଥିବା ଯୋଗୀଙ୍କ ଶବକୁ ଜ୍ୟୋତିପୁରସ୍ଥିତ ଖ୍ରୀଷ୍ଟିଆନ କବରଖାନାରେ ଖ୍ରୀଷ୍ଟଧର୍ମାନୁସାରେ ମାଟିରେ ପୋତାଗଲା । ଅଥଚ ହିନ୍ଦୁରୀତିରେ ନର୍ମଦା ନଦୀରେ ତାଙ୍କ ଚିତାଭସ୍ମକୁ ବିସର୍ଜନ କରାଯିବାର ଫଟୋ ଗଣମାଧ୍ୟମରୁ ପଢି ସମସ୍ତେ ଚକିତ ମଧ୍ୟ ହେଲେ । ଯେମିତି ପାକିସ୍ତାନୀ ଚବଲିଗ ଜମାତ ମୁଖ୍ୟ ତାରିକ ଜମିଲ ସହ ବଲିଉଡ୍ କଳାକାର ଅମିର ଖାଁଙ୍କ ଫଟୋକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଥିଲେ । ରାଜନୀତିରୁ ଇତିହାସ, ଶାସନରୁ ପ୍ରଶାସନ,ଏମିତି ଅନେକ ବିଚିତ୍ର ଘଟଣା ଭାରତରେ ଘଟିଥାଏ ।

ଭାରତକୁ ପ୍ରକୃତିର ବୈଚିତ୍ର୍ୟମୟୀ ରାଷ୍ଟ୍ର ବୋଲି କୁହାଗଲେ ମଧ୍ୟ ପ୍ରକୃତରେ ଏହା ବିଚାର ଦୃଷ୍ଟିରୁ ମଧ୍ୟ ଅନେକ ବିଚିତ୍ରତାରେ ପରିପୂର୍ଣ୍ଣ । ଯେଉଁଥିପାଇଁ ଦେଶ ଅନେକ ସମୟରେ ସଙ୍କଟର ସମ୍ମୁଖୀନ ହେବାରେ ଲାଗିଛି । ଯେମିତି ଉଦାହରଣ ସ୍ୱରୂପ ଦେଶର ପାଠ୍ୟପୁସ୍ତକଗୁଡିକରେ ମୋଗଲ ଆକ୍ରମଣକାରୀମାନଙ୍କୁ ମହାନ ଓ ଭାରତୀୟ ଭାବେ ପ୍ରଚାର କରାଗଲା ବେଳେ ସେମାନଙ୍କ ଦ୍ୱାରା ହତ୍ୟାର ଶିକାର ହୋଇଥିବା ଲୋକେ ହେଲେ କାଫେର । ମୁସଲିମମାନଙ୍କୁ କାଶ୍ମିରୀ ଭାବେ ଗଣାହେଲା ବେଳେ ସେଠାକାର ପଣ୍ଡିତମାନଙ୍କୁ ଶରଣାର୍ଥୀ ଭାବେ ଗଣାଗଲା । ନେହେରୁ-ଖାଁଙ୍କ ସଂଜ୍ଞାଧାରୀମାନେ ଗାନ୍ଧି ପରିବାର ହେଲେ ଆଉ ପ୍ରକୃତ ଗାନ୍ଧିଙ୍କ ପରିବାର ପଛରେ ରହିଲେ । ସେମିତି ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀମାନଙ୍କୁ ଦେଖାଯାଉ । ଝାଡାଯିବା ସମୟରେ ବ୍ରିଟିସ ପୋଲିସ ଦ୍ୱାରା ଗିରଫ ହୋଇଥିବା ଲୋକେ ପରେ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ସହ ଅନ୍ୟାନ୍ୟ ସୁବିଧାମାନ ଲାଭ କଲେ । କିନ୍ତୁ ଦେଶପାଇଁ ଲଢି ସହିଦ ହୋଇଥିବା ଚନ୍ଦ୍ରଶେଖର ଆଜାଦଙ୍କ ଅନ୍ଧୁଣୀ ମାତାଙ୍କୁ ସ୍ୱାଧୀନ ଭାରତରେ ଭିକ୍ଷାବୃତ୍ତି କରିବାକୁ ହୋଇଥିଲା । ଭଗତ ସିଂହଙ୍କ ସହଯୋଗୀ ଥିବା ବଟୁକେଶ୍ୱର ଦତ୍ତଙ୍କୁ ପେଟପାଟଣା ପାଇଁ ସ୍ୱାଧୀନ ଭାରତରେ ବିଡି କାରଖାନାରେ ଚାକିରି କରିବାକୁ ହୋଇଥିଲା । ଅନେକ ନକଲି ସ୍ୱାଧୀନତା ସଂଗ୍ରାମୀ ଧଳାଟୋପି ଓ ଖଦୀ କୁର୍ତ୍ତା ପିନ୍ଧି ନାନା ପ୍ରକାରର ସୁବିଧା ହାସଲ କଲେ । କିନ୍ତୁ ଇଂରେଜଙ୍କ ଦ୍ୱାରା କ୍ରାନ୍ତିକାରୀ ବିନାୟକ ଦାମୋଦର ସାବରକରଙ୍କ ଜବତ ହୋଇଥିବା ବାସଗୃହକୁ ସ୍ୱାଧୀନ ଭାରତର ସରକାର ଫେରାଇଲେ ନାହିଁ । ସ୍ୱାଧୀନତା ପରବର୍ତ୍ତୀ କାଳରେ ବିଚାରଗତ ପାର୍ଥକ୍ୟ ଯୋଗୁ ଶାସକ କଂଗ୍ରେସର ଲୋକେ ସାବରକରଙ୍କୁ ସୁବିଧାବାଦୀ ବୋଲି କହି ସେ ଇଂରେଜମାନଙ୍କ କବଳରୁ ମୁକ୍ତି ଲାଭ ପାଇଁ ଦରଖାସ୍ତ କରି ଦୁର୍ବଳମନାର ପରିଚୟ ଦେଇଥିବା କଥା ପ୍ରଚାର କଲେ । ଅଥଚ ୧୯୨୩ରେ ଇଂରେଜମାନେ କଂଗ୍ରେସର ଜବାହରଲାଲ ନେହେରୁଙ୍କୁ ଦୁଇସପ୍ତାହ ପାଇଁ ନଭା ଜେଲକୁ ପଠାଇ ଥିଲାବେଳେ ତାଙ୍କ ପିତା ତଥା କଂଗ୍ରେସ ନେତା ମୋତିଲାଲ ନେହେରୁ ପୁଅକୁ ଜେଲରୁ ବାହାର କରି ଆଣିବା ପାଇଁ ଭାଇସରାୟଙ୍କ ପାଖକୁ ଯିବାସହ ବଣ୍ଡରେ ଦସ୍ତଖତ କରି ଜବାହର ନଭାରେ ଆଦୌ ପ୍ରବେଶ କରିବେ ନାହିଁ ବୋଲି ଲେଖିଥିଲେ । କଂଗ୍ରେସ ଲୋକଙ୍କ ଭାଷାରେ ସାବରକର ହେଲେ ଭୟାଳୁ ଅଥଚ ଜବାହରଲାଲ ଏକଦମ୍ ଶତକଡା ଶହେ ଦେଶପ୍ରେମୀ 1 ଠିକ୍ ସେମିତି ତାଙ୍କ ନାତି ତଥା ଏକଦା ପ୍ରଧାନମନ୍ତ୍ରୀ ଥିବା ରାଜିବ ଗାନ୍ଧିଙ୍କୁ ଭାରତ ରତ୍ନ ପୁରସ୍କାର ଦିଆଯାଇଥିଲା । ଏହା ମରଣୋତ୍ତର ହେଲେ

ଫେଷ୍ଟିଭ ସିଜିନରେ ଷ୍ଟାଇଲିଶ ଲୁକ୍

ଯଦି ଆପଣ ଏହି ଫେଷ୍ଟିଭ ସିଜିନରେ ଏଥନିକ ଡ୍ରେସେସ ପାଇଁ ସୁନ୍ଦର ଲେହେଙ୍ଗା ଡିଜାଇନର ଇମ୍ପ୍ରେସନ ହେବାକୁ ଚାହୁଁଛନ୍ତି ତେବେ ଈଶା ଅମ୍ବାନୀଙ୍କ ଠାରୁ ବିଭିନ୍ନ ଡ୍ରେସ ଡିଜାଇନକୁ ଫଲୋ କରିପାରନ୍ତି । ଏମିତି ତ ସେ ୱେଷ୍ଟର୍ଣ୍ଣ ଡ୍ରେସରେ ସବୁବେଳେ ନଜର ଆସନ୍ତି । କିନ୍ତୁ ପାରମ୍ପରିକ ଡ୍ରେସ ପ୍ରତି ତାଙ୍କର ବିଶେଷ ରୁଚି ରହିଛି ।

ପେଷ୍ଟଲ କଲର : ଅଧିକ ଚମକ ଥିବା ରଙ୍ଗକୁ ଯଦି ଆପଣ ପସନ୍ଦ କରୁ ନଥିବେ ତେବେ ଏହି ଫେଷ୍ଟିଭ ସିଜିନରେ ଆପଣ ପେଷ୍ଟଲ ରଙ୍ଗର ଲେହେଙ୍ଗା କିଣିପାରିବେ । ଈଶା ଅମ୍ବାନୀଙ୍କର ଏହି ଲେହେଙ୍ଗାରେ ସିଲଭର ରଙ୍ଗର ହେଭି ଏମ୍ବ୍ରେଏଡୋରୀ ଅଛି । ଏହା ସହିତ ମ୍ୟାଚିଂ ବ୍ଲାଉଜ ଓ ପିୟର ଓଢ଼ଣି ତିଆରି କରିପାରିବେ । ଯଦି ପ୍ରତ୍ୟେକ ଦିନ କାଜୁଆଲ ଡେସେସ ପିନ୍ଧିବା ପସନ୍ଦ କରୁଥାନ୍ତି ତେବେ ପର୍ବପର୍ବାଣିରେ ଏହି ପ୍ରକାରର ଡେସରେ ପୂରା ମଜା ନେଇପାରିବେ ।

ଲାଇଟ୍ ପିଙ୍କ : ଯଦି ପିଙ୍କ କଲରକୁ ଆପଣ ପସନ୍ଦ କରୁଥିବେ ତେବେ ଓଭରଅଲ ଏମ୍ବ୍ରୋଏଡୋରୀର ଲେହେଙ୍ଗା ଆପରଙ୍କ ଉପରେ ବହୁତ ସୁନ୍ଦର ଦେଖାଯିବ । ତେବେ ପିଙ୍କ ଓ ହ୍ୱାଇଟ କଲରରେ ସୂକ୍ଷ୍ମ ଏମ୍ବ୍ରୋଏଡୋରୀ ଓ ଏହା ସହିତ ଜ୍ୱେଲରୀ ଆପଣଙ୍କୁ ରୟାଲ ଲୁକ୍ ଦେବ । ଘରେ ହେଉଥିବା ପୂଜାରେ ଏହି ଲୁକ୍ ବେଶ ସୁନ୍ଦର ଲାଗିବ ।

ବ୍ଲାକଶାଢ଼ି : ଫେଷ୍ଟିଭ ସିଜିନରେ ଭିନ୍ନ ଲୁକ ଦେବାକୁ ଚାହୁଁଥିଲେ । ବ୍ଲାକ ରଙ୍ଗର ଶାଢ଼ିକୁ ଅଲଗା ପ୍ରକାରର ଡେପିଙ୍ଗ ସହିତ ପିନ୍ଧିପାରିବେ । ଏହି ଶାଢ଼ିର ବର୍ଡ଼ରରେ ଗୋଲଡେନ ଓ ସିଲଭରର କଲରର ଡିଜାଇନ ଓ ମ୍ୟାଚିଂ ବ୍ଲାଉଜଚ ଏଥନିକ ଓ ମଡର୍ଣ୍ଣ ଡ୍ରେସେସସର ସୁନପ୍ଦର କମ୍ବିନେସନ । ଏହି ପ୍ରକାରର କ୍ଲାସିକ ଡ୍ରେସ ସହିତ ହାଲୁକା ଜ୍ୱେଲରୀ ଓ ଲାଇଟ ମେକ ଅପ ସୁନ୍ଦର ଲାଗିବ ।

ଲାଇଟ ବ୍ରାଉନର ଲେହେଙ୍ଗା : ଯଦି ଆପଣ ରେଡ, ଗ୍ରୀନ ଓ ବ୍ଲୁ ପରି ରଙ୍ଗକୁ ଛାଡ଼ି ଏହି ଫେଷ୍ଟିଭ ସିଜିନରେ କିଛି ନୂଆ ଟ୍ରାଏ କରିବାକୁ ଚାହୁଁଛନ୍ତି ତେବେ ଲାଇଟ ବ୍ରାଉନ କଲରବାଲା ଲେହେଙ୍ଗା ମଧ୍ୟ ସୁନ୍ଦର ଲୁକ୍ ଦେବ । ଏହି ପ୍ରକାରର ଲେହେଙ୍ଗାରେ ଆପଣ ନିଜ ପସନ୍ଦ ମୁତାବକ ଲାଇଟ ବା ହେଭି ଏମ୍ବ୍ରୋଏଡୋରୀ ପସନ୍ଦ କରିପାରିବେ ।

ଲାଇଟ୍ ଏଥେନିକ ଡ୍ରେସ : ଏହି ଫେଷ୍ଟିଭ ସିଜନରେ ଲାଇଟ କଲରର ଏମ୍ବ୍ରୋଏଡୋରୀର ଡ୍ରେସ ଆପଣ ପସନ୍ଦ କରିପାରିବେ । ଲାଇଟ କଲର ଦ୍ୱାରା ଆପଣ ହାଲୁକା ଅନୁଭବ କରିବେ । ଡ୍ରେସ ସହିତ କାନରେ ଓ ଗଳାରେ ହେଭି ଜ୍ୱେଲରୀ ପିନ୍ଧିଲେ ଆପଣଙ୍କୁ କଣ୍ଟ୍ରାଷ୍ଟ ଲୁକ୍ ଦେବ ।

ଗୋଲଡେନ ଓ ବ୍ଲାକର କମ୍ବିନେସନ : ଯଦି ଆପଣ ଏହି ସିଜନରେ ଆକର୍ଷଣୀୟ ଲୁକ ଦେବା ପାଇଁ ଚାହୁଁଛନ୍ତି, ତେବେ ଗୋଲଡେନ ଓ ବ୍ଲାକ କଲରର କମ୍ବିନେସନର ଲେହେଙ୍ଗା ଆପଣ ପସନ୍ଦ କରିପାରିବେ । ଏହି ଲେହେଙ୍ଗା ସହିତ ଏମ୍ବ୍ରୋଏଡେରୀର ବ୍ଲାଉଜ ଓ ଶିୟର ଦୁପଟ୍ଟା ଡ୍ରେସର ସୌନ୍ଦର୍ଯ୍ୟକୁ ଅଧିକ ବୃଦ୍ଧି କରିବା ।

ଯୋଗ ଦ୍ୱାରା ନିରୋଗ ରୁହନ୍ତୁ

ଯୋଗଦ୍ୱାରା ସ୍ୱାସ୍ଥ୍ୟକୁ ଠିକ ରଖିବା ପାଇଁ କିଛି ସମୟ ଲାଗିପାରେ କିନ୍ତୁ ଏହାର ପ୍ରଭାବ ରାମବାଣ ପରି ।ଜୀବନଶୈଳୀର ପରିବର୍ତ୍ତନ ଯୋଗୁ ଯେଉଁ କେତେକ ବେମାରୀ ସବୁ ସାଧାରଣ ହୋଇଗଲାଣି, ସେସବୁ ବେମାରୀକୁ କେତୋଟି ଆସନ ଯୋଗୁ ଠିକ୍ କରାଯାଇପାରିବ ।

ସୂକ୍ଷ୍ମ ଆସନ: ଚାଳିଶ ବର୍ଷରୁ ଅଧିକ ମହିଳାମାନଙ୍କର ଖାଦ୍ୟପେୟର ଅନିୟମିତତା ଯୋଗୁ କ୍ୟାଲସିୟମର ଅଭାବ ଦେଖାଯାଇଥାଏ । ଏହି କାରଣ ଯୋଗୁ ମହିଳାମାନଙ୍କର ଆଣ୍ଠୁରେ ଯନ୍ତ୍ରଣା ଓ ସ୍ପଣ୍ଡିଲାଇଟିସର ସମସ୍ୟା ଦେଖାଦେଇଥାଏ । ଏହି ଆସନ କରିବା ଦ୍ୱାରା ଏପରି ସମସ୍ୟାରୁ ମୁକ୍ତି ମିଳିଥାଏ ।

ତିତଲା ଆସନ: ମହିଳାମାନଙ୍କର ଗର୍ଭାଶୟ ସମ୍ବନ୍ଧୀୟ ସମସ୍ୟା ଓ ମାଂସପେଶୀ ଟାଇଟ ହୋଇଗଲେ ଏହି ଆସନ ଦ୍ୱାରା ସିମସ୍ୟା ଦୂର ହୋଇଥାଏ ।

କପାଳଭାରତୀ: ଏହାକୁ ପ୍ରତ୍ୟେକ ବର୍ଗର ସ୍ତ୍ରୀ-ପୁରୁଷମାନେ କରିପାରିବେ ଏହାଦ୍ୱାରା ଫୁସଫୁସ ଓ ନର୍ଭସ ସିଷ୍ଟମ ଠିକ ରହେ ।

ଅନୁଲୋମ ବିଲୋମ: ନିଶ୍ୱାସ ପ୍ରଶ୍ୱାସ ସମ୍ବନ୍ଧୀୟ ସମସ୍ୟା, ବ୍ଲଡପ୍ରେସର, ସୁଗାର କଣ୍ଟ୍ରୋଲ କରିବାରେ ଏହି ଆସନ ଲାଭକାରୀ ହୋଇଥାଏ । ଏହି ଆସନକୁ ସମସ୍ତେ କରିପାରିବେ ।

ଶୀତଳୀ ପ୍ରାଣାୟାମ: ଗରମ ଦିନରେ ଶୀତଳୀ ପ୍ରଣାୟାମ କରିବା ଯୋଗୁ ଏସିଡିଟି ସମେତ ପେଟ ସମ୍ବନ୍ଧୀୟ ସମସ୍ୟା ରହେ ନାହିଁ । ଏହି ଆଶସନ ବୟସ୍କ ଲୋକମାନେ କରିବା ଉଚିତ ।

ବୃକ୍ଷ ଆସନ, ସର୍ବାଙ୍ଗ ଆସନ: ଶିକ୍ଷା ଓ ରୋଜଗାର ସଙ୍କଟକୁ ନେଇ ହେଉଥିବା ଯୁବପିଢ଼ି ପାଇଁ ଏହି ଆସନ ଲାଭକାରୀ । ଶାରୀରିକ ସ୍ତରରେ ସୁସ୍ଥ ରହିବା ପଶଇଁ ଏହି ଆସନ ସମସ୍ତଙ୍କ ପାଇଁ ଲାଭକାରୀ ହୋଇଥାଏ ।

ସୂର୍ଯ୍ୟ ନମସ୍କାର: ପିଲାମାନଙ୍କର ବିକାଶ, ବିଶେଷ କରି ଉଚ୍ଚତା ବୃଦ୍ଧି ଓ ଆଖିର ସମସ୍ୟା ଠିକ ରଖିବାକୁ ହେଲେ ସୂର୍ଯ୍ୟ ନମସ୍କାର କରିବା ବହୁତ ଜରୁରୀ । ଏହା ସମସ୍ତେ କରିବା ଉଚିତ ।

ସାଗୁଦାନା ଖେଚୁଡ଼ି

ସାଗୁଦାନାକୁ ଧୋଇ ୧ ଘଣ୍ଟା ପାଇଁ ପାଣିରେ ଭିଜାଇ ଦିଅନ୍ତୁ । ଭିଜିଗଲା ପରେ ପାଣିକୁ କାଢ଼ିଦିଅନ୍ତୁ । ଆଳୁକୁ ସିଝାଇ ଛୋଟ ଛୋଟ କରି କାଟି ଦିଅନ୍ତୁ । ଏବେ କଡ଼ାଇକୁ ଗରମ କରି ଘିଅ ଢ଼ାଳନ୍ତୁ ଓ ଚିନାବାଦାମ ମଞ୍ଜିକୁ ଭାଜି ଦିଅନ୍ତୁ । ଥଣ୍ଡା କରିବା ପାଇଁ ଥାଳିରେ ଢ଼ାଳି ଦିଅନ୍ତୁ ଓ ଥଣ୍ଡା ହେବା ପରେ ଚିନା ବାଦାମକୁ ମୋଟା ମୋଟା କରି ଗୁଣ୍ଡ କରନ୍ତୁ । ବାକିଥିବା ଘିଅରେ ଜିରା, କଞ୍ଚାଲଙ୍କା ପକାଇ ଫୁଟାଇ ଦିଅନ୍ତୁ । ଏହାପରେ ଆଳୁ, ସାଗୁଦାନାକୁ କଡ଼ାଇରେ ଢ଼ଶଳି ଭଲଭାବରେ ମିଶାଇ ଦିଅନ୍ତୁ । ଲୁଣ ଓ ଅଳ୍ପ ପାଣି ମିଶାଇ ଧୀମା ଆଞ୍ଚରେ ଗ୍ୟାସ ଉପରେ ରଖନ୍ତୁ ଓ ଘୋଡ଼େଇ ଦିଅନ୍ତୁ । ୭ରୁ ୮ ମିନିଟ ପରେ ଗ୍ୟାସ ବନ୍ଦ କରି ଓହ୍ଲାଇ ଦିଅନ୍ତୁ । ଧନିଆପତ୍ର ଓ ଲେମ୍ବୁରସ ମିଶାଇ ଦିଅନ୍ତୁ । ଏବେ ଆପରଙ୍କର ଶାଗୁଦାନା ଖେଚୁଡ଼ି ପ୍ରସ୍ତୁତ ହୋଇଗଲା ।

ଆବଶ୍ୟକ ସାମଗ୍ରୀ:

(୧) ସାଗୁଦାନା-୧୦୦ଗ୍ରାମ, ଘିଅ-୨ ଚାମଚ, ଜିରା-ଅଧାଚାମଚ, କଞ୍ଚାଲଙ୍କା-୨ଟି କଟାଯାଇଥିବା । ଚିନାବାଦାମ-୧ବଡ଼ଚାମଚ, ସିଝାଆଳୁ ୧ଟି କରାଯାଇଥିବା, ସୈନ୍ଧବଲବଣ -ସ୍ୱାଦ ଅନୁସାରେ, କଟାଯାଇଥିବା ଧନିଆପତ୍ର ବଡ଼ ଚାମଚ, ଗୋଟିଏ ଲେମ୍ବୁର ରସ ।

ଆଖିର ସୁନ୍ଦରତା ପାଇଁ ମେକଅପ ଟିପସ

ପୂର୍ବରୁ ବିବାହ ପାର୍ଟିରେ କିଛି ମହିଳା ଯେପରି ବୋହୂ ବା ଯାହା ପାଇଁ ପାର୍ଟି ଦିଆଯାଉଥାଏ କେବଳ ସେମାନେ ଭିଡ଼ ମଧ୍ୟରୁ ଅଲଗା ଦେଖାଯିବା ପାଇଁ ଆଖି ପାଇଁ ବିଶେଷ ମେକଅପ କରିଥାନ୍ତି କିନ୍ତୁ ଏବେ ବିବାହରେ ବୋହୂର ସାଙ୍ଗସାଥୀ, ଆତ୍ମୀୟସ୍ୱଜନ, ଅଫିସ ବା କଲେଜ ଯାଉଥିବା ମହିଳାମାନେ, ସମସ୍ତଙ୍କ ଆଖିରେ ମେକଅପ ଦେଖିବାକୁ ମିଳୁଛି । ଚେହେରାର ବିଭିନ୍ନ ମେକଅପ ପରି ପ୍ରତ୍ୟେକ ଅବସରରେ ଆଖିର ମେକଅପ ମଧ୍ୟ ଅଲଗା ହୋଇଥାଏ ।

ଆର୍ଟିଷ୍ଟିକ ଆଇଲାଇନର:

ଆଜିକାଲି କାଜଲ ଅପେକ୍ଷା ଆଇଲାଇନର ଅଧିକ ବ୍ୟବହାର କରାଯାଉଛି । ଅଫିସ ଯାଉଥିବା ମହିଳାମାନେ ସିମ୍ପଲ, କ୍ଲାସିକ ଆଇଲାଇନରୀର ପରତ ଲଗେଇ ଥିବାର ନଜର ଆସୁଛନ୍ତି । ସେହିପରି ପାର୍ଟିକୁ ଯାଉଥିବା ମହିଳାମାନେ ୱାଇଲଡ଼ ଆଇଲାଇନରର ବ୍ୟବହାର କରିଥାନ୍ତି ।

ଡେ ପାର୍ଟି ଆଇ ମେକଅପ:

ଦିନରେ ପାର୍ଟିକୁ ଉପଭୋଗ କରୁଥିବା ଝିଅ ଓ ମହିଳାମାନଙ୍କର ପ୍ରଥମ ପସନ୍ଦ ହେଲା ଗୋଥିକ ଆଇ ମେକଅପ । ସିମରିଙ୍ଗ ପରପଲ, ଡାର୍କବ୍ଲୁ, ଗ୍ରୀନ, ହ୍ୱାଇଟ, ଡାକୟ ଗ୍ରେ, ବ୍ରାଉନ ଆଇସ୍ୟାଡ଼ୋ ସହିତ ବ୍ତଲାକ, ବ୍ରାଉନ ବା ଅନ୍ୟ କୌରସି ଗାଢ଼ ରଙ୍ଗର ଆଇଲାଇନର ଚର୍ମିଙ୍ଗ ଗାଲମାନଙ୍କର ଶୋଭା ବଢ଼ାଇଥାଏ ।

ଇଭନିଙ୍ଗ ପାର୍ଟି ଆଇ ମେକଅପ:

ମଡେଲମାନଙ୍କର ଚେହେରାରେ ଦେଖାଯାଉଥିବା ଅଖି ସ୍ମୋକି ଦେଖାଯାଏ । ସେଥିପାଇଁ ସନ୍ଧ୍ୟାବେଳେ ହେଉଥିବା ପାର୍ଟିରେ ଝିଅମାନେ ବା ମହିଳାମାନେ ଡ୍ରୋମେଟିକ ଆଇ ମେକଅପର ବ୍ୟବହାର କରିଥାନ୍ତି । ଡାର୍କ ଓ ଡିପ୍ ଆଇଲାଇନର ସହିତ ଗାଢ଼ ରଙ୍ଗର ଆଇ ପେନସିଏ ଓ ପରପଲ ବ୍ଲୁ ବା କଳାରଙ୍ଗର ମସ୍କରା ଆଖିକୁ ଆକର୍ଷଣୀୟ କରିଥାଏ ।

ନ୍ୟୁଟ୍ରଲ ସାଡ଼ୋ ଆଇ ମେକଅପ:

ପ୍ରତ୍ୟେକ ଦିନ ଠାରୁ ଅଲଗା ଦେଖାଯିବାର ଇଚ୍ଛାରେ ଝିଅମାନେ ବା କିଟି ପାର୍ଟିରେ ସାମିଲ ହେବା ପାଇଁ ଇଚ୍ଛୁକ ମହିଳାମାନଙ୍କ ମଧ୍ୟରେ ନ୍ୟୁଟ୍ରଲ ଆଇ ସାଡ଼ୋ ଆଇ ମେକଅପର ପ୍ରଚଳନ ଅଧିକ ହେଉଛି ।

ପ୍ରିଟି ଗ୍ରୀନ ଆଇ ମେକଅପ:

ନାଇଟ କ୍ଲବ ପାର୍ଟି, ଥୀମ ପାର୍ଟି ବା ସାଙ୍ଗମାନଙ୍କ ମଧ୍ୟରେ ହେଉଥିବା ପାର୍ଟିଗୁଡ଼ିକରେ ଝିଅମାନେ ଏ ବର୍ଷ ପ୍ରିଟି ଗ୍ରୀନ ଆଇ ମେକଅପ କରିବାର ଦେଖାଯାଉଛନ୍ତି । ଗ୍ରୀନ ଶେଡର ଲାଇନର ପତଳା ରେଖା ଆଖିର ଉପର ଓ ତଳର ଆଉଟଲାଇନକୁ କଭର କରି ବାହାର ଆଡ଼କୁ କୋଣ ପର୍ଯ୍ୟନ୍ତ ଲଗାଇ ଝିଅମାନେ ଆଖିକୁ ଆକର୍ଷଣୀୟ ଲୁକ୍ ଦେଉଛନ୍ତି ।

କେଶକୁ ଭଲ ରଖେ ଭେଣ୍ଡି

ଭେଣ୍ଡି ତରକାରି ଓ ଭେଣ୍ଡିଭଜା ଖାଇବାକୁ ସମସ୍ତେ ଭଲ ପାଇଥାନ୍ତି । ଗବେଷଣାରୁ ଜଣାପଡ଼ିଛି, ଭେଣ୍ଡିରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗୁଣ ଭରପୂର ମାତ୍ରାରେ ରହିଛି । ହେଲେ ଏହାକୁ ଖାଉଥିବା ଲୋକେ ଏନେଇ ସଚେତନ ନୁହଁନ୍ତି । ଆସନ୍ତୁ ଜାଣିବା ଭେଣ୍ଡି ଖାଇଲେ ଆମକୁ କ'ଣ ଫାଇଦା ମିଳିବ ।

- ଭେଣ୍ଡି ଖାଇଲେ କେଶ ଲମ୍ବା ଓ ମୋଯା ରହିଥାଏ । ପ୍ରତିଦିନ ଭେଣ୍ଡି ଖାଇଲେ ମୁଣ୍ଡରୁ ରୁପି ସମସ୍ୟା ଦୂର ହୋଇଥାଏ । ଲେମ୍ବୁ ମିଶାଇ କେଶରେ ଲଗାନ୍ତୁ ଏହା କେଶ ପାଇଁ ଲାଭଦାୟକ ।
- ଭେଣ୍ଡିରୁ ପ୍ରୋଟିନ, କ୍ୟାଲସିୟମ, ଫ୍ୟାଟ୍, କାର୍ବୋହାଇଡ୍ରେଡ୍ ସହ ଫୁସଫୁସର ମିଳିଥାଏ । ଏହା ଶରୀରପାଇଁ ଲାଭକାରୀ । ଏଥିରୁ ପୋଷକ ତତ୍ତ୍ୱ ମିଳିଥାଏ ।
- ଏହା ଓଜନ ହ୍ରାସ କରିବା ସହ ଶରୀରର ଫ୍ୟାଟ କମ କରିଥାଏ ।
- ଗବେଷଣାରୁ ଜଣାପଡ଼ିଛି, ଭେଣ୍ଡିରେ ଥିବା ତତ୍ତ୍ୱ କୋଲୋନ କ୍ୟାନସରର ବିଷାକ୍ତ ତତ୍ତ୍ୱକୁ ନଷ୍ଟ କରିଦେଇଥାଏ । ଭେଣ୍ଡି ଖାଇଲେ ମାରାତ୍ମକ କର୍କଟ ଭଳି ରୋଗ ହେବାର ସମ୍ଭାବନା କମ ରହିଥାଏ ।
- ଭେଣ୍ଡିରୁ ଆଇରନ ମିଳିଥାଏ । ଏହା ଶରୀର ପାଇଁ ଲାଭଦାୟକ । ରକ୍ତରେ ହିମୋଗ୍ଲୋବିନ ତିଆରି କରିବାରେ ସାହାଯ୍ୟ କରିଥାଏ । ଫଳରେ ଏନୋମିଆ ହେବାର ସମ୍ଭାବନା କମ ଥାଏ ।

ଅର୍ଶ ରୋଗୀଙ୍କ ପାଇଁ ଖାଦ୍ୟ

ଅର୍ଶର ମୂଳ କାରଣ ହେଉଛି କୋଷ୍ଠକାଠିନ୍ୟ । ଡାକ୍ତରଙ୍କ ମତରେ ଅର୍ଶ ରୋଗୀମାନେ ପ୍ରଚୁର ପରିମାଣରେ ତନ୍ତୁ ଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ । କୋଷ୍ଠକାଠିନ୍ୟଠାରୁ ଦୂରେଇ ରହିବା ପାଇଁ ବିଶେଷ ଖାଦ୍ୟ ସବୁ ରହିଛି । ଏହି ଖାଦ୍ୟ ବାବଦରେ ସଚେତନ ରହିବା ଆବଶ୍ୟକ ।

କ'ଣ ଖାଇବେ:- ଦିନରେ ଦୁଇଥର ଫଳ, ପ୍ରବଳ ପରିମାଣରେ ପନି-ପରିବା ତରକାରୀ ଖାଆନ୍ତୁ । ସେଓ, କଦଳୀ, ପିଜୁଳି, କମଳା, ନାସପାତି ଓ ଡାଳିମ୍ବରୁ ଯଥେଷ୍ଟ ତନ୍ତୁ ମିଳେ । ଚୋପା ନ ଛଡ଼ାଇ ପୂରା ଫଳ ଖାଆନ୍ତୁ । ଡିମିରି ଓ କିସମିସ ମଧ୍ୟ ଉପକାରୀ । ଶାଗ ମଧ୍ୟରେ ପାଳଙ୍ଗ ବଥୁଆ, କୋଶଳା, ଖଡ଼ା, ମେଥି ଉତ୍ତମ । ବିନ୍ସ, ମଟର ଛଇଁ, କୋବି, ଆଉ ଖାଆନ୍ତୁ । ତାହା ଛଡ଼ା ଅକାଣ୍ଡିଆ ଚାଉଳର ଭାତ, ଅଟା ରୁଟି, ଦଲିୟା, ସୁଜି ଆଦି ଉପକାରୀ । କ'ଣ ଖାଇବେନାହିଁ: ଫଳ ରସ, ମଇଦା ରୁଟି-ପରଟା ବିସ୍କୁଟ, ପାସ୍ତା, ନୁଡୁଲ୍ସ, ନାନ ।

କଙ୍କଡ଼ା ଦ୍ୱୀପ

ସାଧାରଣ ଭାବେ ବର୍ଷା ଦିନମାନଙ୍କରେ ଭୁଲବଶତଃ ପାଣି ସ୍ରୋତରେ ଭାସି ଆସିଥିବା କଙ୍କଡ଼ା ରାସ୍ତାରେ ବୁଲୁଥିବାର ଦେଖାଯାଏ । କିନ୍ତୁ ଅଷ୍ଟ୍ରେଲିଆରେ ଅଛି ଏମିତି ଗୋଟିଏ ଦ୍ୱୀପ ଯାହାର ସବୁ ଆଡ଼େ ଦେଖାଯାନ୍ତି ଖାଲି କଙ୍କଡ଼ା ହିଁ କଙ୍କଡ଼ା । ଖୋଲା ସଡ଼କରୁ ଆରମ୍ଭକରି ଲୋକଙ୍କ ଘରେ ମଧ୍ୟ ଦେଖାଯାନ୍ତି କଙ୍କଡ଼ା । ଏହି ଦ୍ୱୀପର ନାମ କ୍ରିସମସ୍ ଯାହା ଅଷ୍ଟ୍ରେଲିଆର କ୍ୱସଲାଣ୍ଡରେ ଅବସ୍ଥିତ । ପ୍ରତିବର୍ଷ କୋଟି କୋଟି ସଂଖ୍ୟାରେ କଙ୍କଡ଼ାଙ୍କ ପରିମାଣ ବଢ଼ିବାରେ ଲାଗିଛି । ରେଷ୍ଟୁରାଣ୍ଟ, ଜଙ୍ଗଲ, ବାର, ବସ-ଷ୍ଟପରେ ଦେଖିବାକୁ ମିନ୍ତି ଏହି ଲୋହିତକଙ୍କଡ଼ା ସବୁ । ଏହି କଙ୍କଡ଼ାମାନେ ପ୍ରଜନନ ପାଇଁ ପ୍ରତିବର୍ଷ କ୍ରିସମସର ଜଙ୍ଗଲରୁ ଭାରତ ମହାସାଗର କୂଳ ପର୍ଯ୍ୟନ୍ତ ଯାତ୍ରା କରନ୍ତି । ଦଳବଦ୍ଧ ହୋଇ ଯାଉଥିବା ଏହି ଲାଲ କଙ୍କଡ଼ାଙ୍କ ପାଇଁ ପ୍ରାସନ ପକ୍ଷରୁ ରାସ୍ତାରେ ବୋର୍ଡ଼ ଲଗାଇଯାଏ । ଯେଉଁଥିରେ କେତେବେଳେ ଲେଖାଯାଏ ଗାଡ଼ି ଧୀରେ ଚଳାନ୍ତୁ ତ ଆଉ କେତେବେଳେ ଲେଖାଯାଇଥାଏ 'ରାସ୍ତା ବନ୍ଦ' । ୫୨ ବର୍ଗମାଇଲ କ୍ଷେତ୍ରଫଳ ବିଶିଷ୍ଟ କ୍ରିସମସର ଜନସଂଖ୍ୟା ପ୍ରାୟ ୨୦୦୦ ହୋଇଥିବାବେଳେ ପ୍ରତିବର୍ଷ ଏହି ଲୋହିତ କଙ୍କଡ଼ାମାନଙ୍କୁ ଦେଖିବା ପାଇଁ ଏଠାରେ ଲୋକଙ୍କ ଭିଡ଼ ଜମେ ।

ବିଚିତ୍ର ସାମୁଦ୍ରିକ ଜୀବ

ଅଲାସ୍କା ସାମୁଦ୍ରିକ ଇଲାକାରେ ଏକ ବିଚିତ୍ର ଜୀବର ଅନୁସନ୍ଧାନ ମିଳିଛି ଯାହାର ଭିଡ଼ିଓ ଏବେ କିଛିଦିନ ହେବ ସୋସିଆଲ ମିଡିଆରେ ଘୂରି ବୁଲିବାରେ ଲାଗିଛି । କିଛିଦିନ ପୂର୍ବେ ଏଙ୍ଗଲର ସାରାହ ବେସେର ନାମକ ଜଣେ ମହିଳା ପ୍ରଥମେ ଫେସବୁକରେ ଏହି ବିଚିତ୍ର ଜୀବନର ଭିଡ଼ିଓ ଅପଲୋଡ କରିଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଭିଡ଼ିଓକୁ ୧୨ ଲକ୍ଷରୁ ଅଧିକ ଲୋକ ଦେଖି ସାରିଛନ୍ତି । ନାରଙ୍ଗି ରଙ୍ଗର ଏହି ଜୀବନର ଦେହସାରା ଝୁଲିଛି ବର ଗଛର ଓହଳ ପରି ଶାଖା । କିଛି ଲୋକ ଏହାକୁ ବିଚିତ୍ର ପ୍ରାଣୀ କହୁଥିବାବେଳେ କିଛି ଏହାକୁ ଏଲିଅନ ବୋଲି କହୁଛନ୍ତି । ଏଙ୍ଗଲର ଏହି ଜୀବନର ଭିଡ଼ିଓ ଅଲାକ୍ସାର ପ୍ରିନ୍ସ ଅଫ ୱେଲ୍ସ ଦ୍ୱୀପରେ ତିଆରି କରିଥିଲେ । ଭିଡିଓ ତିଆରି କରିବା ପରେ ଏଙ୍ଗଲର ଏହି ଜୀବକୁ ସମୁଦ୍ର ପାଣିରେ ଛାଡ଼ି ଦେଇଥିଲେ ।

ଚାକିରୀ ତିହିଡିରେ, ରହଣି ଭଦ୍ରକରେ

ଭଦ୍ରକ, ୨୧/୭ (ହି.ସ.) - ଏହି ଜିଲାର ତିହିଡି ବ୍ଲକ୍, ତହସିଲ ଓ ଥାନାରେ ଯେଉଁ ଅଫିସରମାନେ ନିଯୁକ୍ତି ପାଇଥାନ୍ତି, ସେମାନେ ପ୍ରଥମେ ତିହିଡିରେ ଯୋଗଦେବା ପାଇଁ କୁଣ୍ଠାବୋଧ କରନ୍ତି । ମାତ୍ର ଥରେ ଯୋଗଦେଲେ, ଆଉ ତିହିଡି ଛାଡିବାକୁ ଇଚ୍ଛା କରନ୍ତି ନାହିଁ । ଯଦି ବଦଳି ନିର୍ଦ୍ଦେଶ ଆସେ, ତେବେ ନେତାଙ୍କ ଶରଣ ପଶି ତାହାକୁ ବାତିଲ କରନ୍ତି । ତିହିଡିରେ ଅବସ୍ଥାପିତ ଅଫିସର, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ତିହିଡି ଠାରେ ନରହି ଜିଲା ହେଡକ୍ୱାର୍ଟସ୍ ଭଦ୍ରକରେ ରହିବାକୁ ପସନ୍ଦ କରନ୍ତି । ନିଜ ମନଇଚ୍ଛାରେ କାର୍ଯ୍ୟାଳୟକୁ ଆସନ୍ତି । ତାଗିଦ୍ କରିବାକୁ କେହି ନଥାନ୍ତି । ତିହିଡିରେ ବିଦ୍ୟୁତ୍ ବିଭାଗ ସବଡିଭିଜନ ତିହିଡି ଓ ଚାନ୍ଦବାଲି ବ୍ଲକ୍‌କୁ ନେଇ ଗଠିତ ହୋଇଛି । ତିହିଡି ବଜାର ଠାରୁ ୧ କିଲୋମିଟର ଦୂରରେ ଏହି କାର୍ଯ୍ୟାଳୟ ନନ୍ଦପୁରଠାରେ ଅବସ୍ଥାପିତ । ବିଡମ୍ବନା ଅଧିକାଂଶ ସମୟରେ ବିଦ୍ୟୁତ୍ ବିଭାଗର ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ତିହିଡିରେ ନରହି ଭଦ୍ରକରେ ରୁହନ୍ତି । ବିଦ୍ୟୁତ୍ କାଟ ହେଲେ ନିଜ ଭଦ୍ରକ ଘରୁ ଗ୍ରୀଡକୁ ଯାଇ ସଟଡାଉନ୍ ନେଇ ତ୍ରୁଟି ସାରି ଦିଅନ୍ତି । ତିହିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ ମଧ୍ୟ ତିହିଡି ନରହି ଭଦ୍ରକରେ ରହୁଛନ୍ତି । ମାସରେ କେତେଥର ଆସନ୍ତି ଡାକ୍ତରଖାନାକୁ ତାହାର ହିସାବ ନାହିଁ । ସେହିପରି ତିହିଡି ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟର ଅବସ୍ଥା ସଂପୃକ୍ତ କାର୍ଯ୍ୟାଳୟର ଜଣେ ଅଧିକାରୀଙ୍କୁ ଆଣିବା ପାଇଁ ପ୍ରତିଦିନ ସକାଳେ ଭଦ୍ରକ ଯିବ ସରକାରୀ ଗାଡି । ପୁଣି ସନ୍ଧ୍ୟାରେ ସରକାରୀ ଗାଡିରେ ଭଦ୍ରକ ଫେରନ୍ତି । ଏମିତି ସରକାରୀ ତହବିଲ୍‌ରୁ ଅର୍ଥ ହେଉଛି । ତେବେ ଏନେ ୫-ଟି ସଚିବଙ୍କୁ ଲିଖିତ ଭାବେ ଅବଗତ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ ବୋଲି ଅଭିଯୋଗ ହେଉଛି । ସେହିପରି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଜଣେ ଯନ୍ତ୍ରୀ ମଧ୍ୟ ସେମିତି ସରକାରୀ ଅର୍ଥ ଚଳିଯାଆନ୍ତି । ତିହିଡିରେ ୪୮ଟି ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ କେତେକ ଅଚଳ ହୋଇଥିଲେ ମଧ୍ୟ ତାକୁ ସଚଳ କରିବା ପାଇଁ ତାଙ୍କର ନିଘା ନାହିଁ । ଆଉ ସମସ୍ତ କର୍ମଚାରୀ ଭଦ୍ରକରୁ ପାଳି କରି ତିହିଡି ଆସନ୍ତି । କେତେକ ଯନ୍ତ୍ରୀ ମାସରେ ପ୍ରାୟ ୨ ରୁ ୩ ଥର ଅଫିସ୍ ଆସନ୍ତି । ଅନ୍ୟଦିନେ ଅନ୍ୟମାନଙ୍କ ଦ୍ୱାରା କାମ କରି ନିଅନ୍ତି । ତହସିଲଦାର ରହୁଛନ୍ତି ଭଦ୍ରକରେ । ଆରଆଇମାନେ ନିଜ ଏରିଆ ଛାଡି ମଧ୍ୟ ଭଦ୍ରକରେ ଘରଭଡା ନେଇ ରହୁଛନ୍ତି । ଶିକ୍ଷା ବିଭାଗର ବିଇଓ କାର୍ଯ୍ୟାଳୟ ତିହିଡିରେ ଥିଲେ ମଧ୍ୟ ଆଜିଯାଏ ସ୍ଥାୟୀ ବିଇଓ ନିଯୁକ୍ତି ହୋଇପାରିନାହାଁନ୍ତି । ତିହିଡି ବ୍ଲକ୍‌ରେ ଘର ହୋଇଥିଲେ ମଧ୍ୟ କେତେକ ଶିକ୍ଷ ଭଦ୍ରକ ସହରରେ ଘରଭଡା ନେଇ ରହୁଛନ୍ତି । ସେମାନେ ସଂଘ ରାଜନୀତିରେ ସମୟ କାଟୁଥିବାବେଳେ ଚାକିରୀ କିନ୍ତୁ ତିହିଡିରେ କରୁଛନ୍ତି । ତିହିଡି ଗ୍ରାମ୍ୟ ଉନ୍ନୟନ ବିଭାଗର ସବ୍‌ଡିଭିଜ୍‌ନାଲ କାର୍ଯ୍ୟାଳୟ କୋଠା ଛିଡା ହୋଇଛି । ଏଠାରେ ବର୍ଷବର୍ଷ ହେଲା କୌଣସି ଏସ୍‌ଡିଓ କି ଯନ୍ତ୍ରୀ ଆସିବାର ନାଁ ଧରୁନାହାଁନ୍ତି । ବିରାଟ ବଡ କୋଠାକୁ ଜଣେ ରୁଲର ଡ୍ରାଇଭର ଜଗିଛନ୍ତି । ତିହିଡି ଡାକ୍ତରଖାନା ଡାକ୍ତର ଶୂନ୍ୟ ହୋଇବାକୁ ବସିଥିବାବେଳେ ନେତାଙ୍କର ନିଘା ନାହିଁ । ୩ଟି ନିର୍ବାଚନ ମଣ୍ଡଳୀର ୩ ଜଣ ବିଧାୟକ ତିହିଡିରେ ରାଜ କରୁଛନ୍ତି । ଧାମନଗର ନିର୍ବାଚନ ମଣ୍ଡଳୀର ବିଧାୟକ ତିହିଡିର ପୁଅ ହୋଇଥିବା ବେଳେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଧାୟକ ମଧ୍ୟ ତିହିଡି ମାଟିର ପୁଅ । ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ବିଧାୟକଙ୍କ ୯ଟି ପଂଚାୟତ ତିହିଡିରେ ରହିଥିଲେ ମଧ୍ୟ କେହିବି ମନଧ୍ୟାନ ଦେଇ ତିହିଡିର ସ୍ୱାସ୍ଥ୍ୟ ସମସ୍ୟା ସଳଖିବାକୁ ଚିନ୍ତା ବି କରୁନଥିବା ଅଭିଯୋଗ ହେଉଛି । ଅନୁରୂପ ଭାବେ କୃଷି ବିଭାଗ, ମତ୍ସ୍ୟ ବିଭାଗ, ଜଂଗଲ ବିଭାଗ, ହର୍ଟିକଲଚର ବିଭାଗ ଆଦିର ଅଧିକାରୀମାନେ ଭଦ୍ରକରେ ରହୁଛନ୍ତି । କେଉଁଦିନ କିଏ କେତେବେଳେ ଆସୁଛନ୍ତି ବା ଯାଉଛନ୍ତି ତାହାର ହିସାବ ମଧ୍ୟ ନାହିଁ । ତିହିଡି ବ୍ଲକ୍‌ରେ ଅଧିକାଂଶ କର୍ମଚାରୀ ୪ ବର୍ଷରୁ ୨୨ ବର୍ଷ ହେଲା ଚାକିରୀ କରୁଥିଲେ ମଧ୍ୟ ସେମାନଙ୍କର ବଦଳି ହେଉନି ।

ବେଆଇନ ବାଲି ଘାଟରୁ ୮ ହାଇୱା ସହ ଜେସିବି ପ୍ରୋକଲିନ ଜବତ

ଧର୍ମଶାଳା, ୨୧।୭(ନି.ପ୍ର): ଯାଜପୁର ତହସିଲ ଅନ୍ତର୍ଗତ ଝାଲପଡା ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ବେଆଇନଭାବେ ବାଲି ଉତୋଳନ କରୁଥିବା ଖବର ପାଇ ତହସିଲଦାର ଘଟଣାସ୍ଥଳରେ ଫଂହଚି ୮ ଗୋଟି ଆଇୱା ସହ ବ୍ୟବହୃତ ୨ଟି ପ୍ରୋକଲିନକୁ ଜବତ କରି ତଦନ୍ତ ଚଳାଇଛି । ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ସୂଚନା ମିଳିଛି । ସୂଚନା ମୁତାବକ ଯାଜପୁର ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀ ଘାଟ ଝାଲପଡା ନିକଟରୁ ବେଆଇନ ବାଲି ଉତୋଳନ କରାଯାଇ ବିଭିନ୍ନ ଅଂଚଳକୁ ଚାଳଣ କରାଯାଉଥିବା ପଳରେ ସରକାର ଏଠାରେ ରାଜସ୍ୱ ହରାଉଛନ୍ତି । ଏହି ଝାଲପଡାସ୍ଥିତ ବେଆଇନ ଘାଟରେ ଦିନ ରାତି ଏକ କରି ମାଫିଆମାନେ ମେସିନ ଲଗାଇ ଜିଲା ତଥା ଜିଲା ବାହାରକୁ ବାଲି ଚାଲାଣ କରୁଛନ୍ତି । ଗ୍ରାମରାସ୍ତା ଦିନକୁ ଦିନ ଅତ୍ୟନ୍ତ ଶୋଚନୀୟ ହେବା ସହିତ ସହ ଯାତାୟତରେ ନାହିଁ ନ ଥିବା ଜନସାଧାରଣମାନେ ଅନେକ ଅସୁବିଧାରେ ସମ୍ମୁଖୀନ ହେଉଥିଲେ । ଯାହାକୁ ନେଇ ବାରମ୍ବାର ଜିଲାପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇବା ପରେ ଆଜି ଅପରାହ୍ନରେ ଯାଜପୁର ତହସିଲଦାର ବେଆଇନ ନଦୀ ଘାଟ ନିକଟରେ ଫଂହଚି ବାଲି ନେଇ ଯାଉଥିବା ୮ଗୋଟି ହାଇୱା ସହ ବ୍ୟବହୃତ ୨ଟି ପ୍ରୋକଲେନକୁ ଜବତ କରିଛି । ସେମାନଙ୍କ ନିକଟରୁ ଜରିଆନା ଆଦାୟ କରାଯିବ ବୋଲି ତହସିଲଦାର ଠାକୁର ଦାସ ନାୟକ ପ୍ରକାଶ କରିଛନ୍ତି । ଏ ଭଳି ଘଟଣାକୁ ନେଇ ବାଲି ମାଫିଆ ଶିବିରରେ ଛନକା ପଶିଛି । ଅନ୍ୟ ପକ୍ଷେ ତହସିଲଦାର ଚଢାଉ କରିବା ଘଟଣା ଜାଣିବା ପରେ ଅନେକ ହାଇୱା ବାଟରେ ଅଟକି ଥିବା ବେଳେ ଏହି ସମୟରେ ଏକ ପ୍ରୋକଲିନ ଖସି ପଳାଉଥିବା ସମୟରେ ଏହି ନଦୀ ଉପରେ ଯାଇଥିବା ୧୧ କେଭି ତାର ସମ୍ପର୍କରେ ଆସି ଯାଇଥିଲେ । ଫଳରେ ଏହି ଲାଇନ ତାର ଛିଡିଯାଇଥିବା ବେଳେ ଏକ ବଡ ଦୁର୍ଘଟଣାରୁ ପ୍ରୋକଲେନ ଡାଇଭର ଓ ଖଲାସି ଅଳ୍ପକେ ବର୍ତି ଯାଇଥିବା ଜଣାପଡିଛି । ଖବର ପାଇ ବ୍ରହ୍ମବରଦା ନେସ୍କୋ ବିଦ୍ୟୁତ ବିଭାଗୀୟ କର୍ମଚାରୀ ଘଟଣାସ୍ଥଳରେ ଫଂହଚି ଲାଇନ ତାର ମରାମତି କରିଥିଲେ । ମହେଶ୍ୱରପୁର,ମଙ୍ଗରାଜପୁର ଓ ବ୍ରହ୍ମବରଦା ଅଂଚଳରେ ୨ ଘଂଟାରୁ ଉର୍ଦ୍ଧ୍ୱ ସମୟ ବିଦ୍ୟୁ ସରବରାହ ବନ୍ଦ ରହିଥିଲା ।

ରାସ୍ତା ନାହିଁ- ଲକ୍ଷ୍ମୀନଗରବାସୀ ହଟହଟା

ନୂଆପଡା, ୨୧।୭(ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ପଂଚାୟତର ଲକ୍ଷ୍ମୀନଗରକୁ ରାସ୍ତା ନଥିବାରୁ ପଡାବାସୀ ହଟହଟାର ଶିକାରରେ ପଡୁଥିବା ଅଭିଯୋଗ ହେଉଛି । ଲକ୍ଷ୍ମୀନଗରରେ ହାରାହାରୀ ଶତାଧିକ ପରିବାର ଲୋକେ ବସବାସ କରୁଥିବା ବେଳେ ଏହା ଖଡିଆଳ ସହରର ବ୍ଲକଛକ ପଛପଟେ ରହିଅଛି । ହେଲେ ଏହି ଅଂଚଳ ଏନଏସିର ହୋଇନଥିବା ବେଳେ ଗଡ୍ରାମୁଣ୍ଡା ପଂଚାୟତରେ ଅର୍ନ୍ତଭୂକ୍ତ କରାଯାଇଛି । କିନ୍ତୁ ପଂଚାୟତ ମଧ୍ୟ ଏହି ପଡାବାସୀଙ୍କ ପ୍ରତି ନଜର ଦେଉନଥିବା ଦେଖିବାକୁ ମିଳିଛି । ଏହିପଡାବାସୀ ସାଧାରଣ ମୌଳିକ ସୁବିଧା ସୁଯୋଗରୁ ବଂଚିତ ଏପରିକି ପାନୀୟଜଳ, ପରିମଳ, ରାସ୍ତା ଭଳି ମୌଳିକ ସୁବିଧା ନଥିବା ଅଭିଯୋଗ ହେଉଛି । ପଡାବାସୀ ଦୀର୍ଘ ବର୍ଷରୁ ବ୍ଲକ ଛକ ପାର୍ଶ୍ୱ ରାସ୍ତାରେ ଯାତାୟତ କରୁଥିଲେ । ହେଲେ ଏହି ରାସ୍ତା ବର୍ତମାନ ଜଣେ ବ୍ୟକ୍ତିଙ୍କ ନାମରେ ଥିବାରୁ ସେ ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଛନ୍ତି । ଯାହାଫଳରେ ପଡାବାସୀ ଅତି ଦୟନୀୟ ଅବସ୍ଥାରେ ଯାତାୟତ କରୁଥିବା ଦେଖିବାକୁ ମିଳିଛି । ପାଖାପାଖି ୧ ବର୍ଷ ହେବ ପଡାବାସୀ ଅତି ଦୟନୀୟ ଅବସ୍ଥାରେ ଯାତାୟତ କରୁଥିବା ବେଳେ ସହରର ମଧ୍ୟ ସ୍ଥଳୀରେ ରହି ମଧ୍ୟ ରାସ୍ତା ନଥିବା ପରିତାପର ବିଷୟ । ଏନେଇ ବିଗତ ଦିନରେ ପଡାବାସୀ ଖଡିଆଳ ତହସିଲଦାରଙ୍କୁ ମଧ୍ୟ ଅଭିଯୋଗ କରିଥିଲେ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ । ଚଳିତ ବର୍ଷର ବର୍ଷାଋତୁରେ ପଡାବାସୀଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଯାଇଛି । ପଡାବାସୀ ଏକ କାଦୁଅ ଅସ୍ଥାୟୀ ରାସ୍ତାରେ ଯାତାୟତ କରୁଥିବା ବେଳେ ଅନେକ ଲୋକ କାଦୁଅରେ ପଡି ଯାଉଥିବା ଦେଖିବାକୁ ମିଳିଛି । ଫଳରେ ଲୋକେ ଦୀପତଳ ଅନ୍ଧାର ବୋଲି ମଧ୍ୟ କଟାକ୍ଷ କରୁଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ସମସ୍ୟାର ଅତିଶିଘ୍ର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି । ନଚେତ ପଡାବାସୀ ସ୍ଥାନୀୟ ୩୫୩ ନଂ ଜାତୀୟ ରାଜପଥକୁ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ଚାଳଘରେ ଅସହାୟ ଅବସ୍ଥାରେ ବୃଦ୍ଧ

ନୂଆପଡା, ୨୧।୭(ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅ ଳ ପରିଷଦ ଅନ୍ତର୍ଗତ ପୁଟୁପଡା ନିବାସୀ କଏଁରା ବନଛୋର(୫୧) ଅସହାୟ ଅବସ୍ଥାରେ ଜୀବନ ଅତିବାହିତ କରୁଥିବା ଅଭିଯୋଗ ହେଉଛି । ତାଙ୍କର ଘର ଖଣ୍ଡିଏ ନଥିବାରୁ ତାରପୋଲିନରେ ରହି ଆସୁଛନ୍ତି । ତାଙ୍କର କେହି ନଥିବା ବେଳେ ଏକା ଏକା ଜଣେ ମଣିଷ ଶ୍ରମିକ କାର୍ଯ୍ୟ କରି ପେଟ ପୋଷି ଆସୁଛନ୍ତି । ଚଳିତ ବର୍ଷର ବର୍ଷାରେ ଅତି ଦୟନୀୟ ଅବସ୍ଥାରେ ରହୁଥିବା ବେଳେ ସ୍ଥାନୀୟ ଏନଏସି ମଧ୍ୟ ନଜର ନଦେବା ପରିତାପର ବିଷୟ । ଏନେଇ ଏନଏସିକୁ ଯାଇ ଅନେକ ଥର ଘର ଖଣ୍ଡିଏ ପାଇଁ ଆବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନଥିବା ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ସହରର ଧନୀଶ୍ରେଣୀର ପରିବାର ଆବାସ ଯୋଜନାରେ ସାମିଲ ହୋଇ ଏହାର ଫାଇଦା ନେଉଥିବା ବେଳେ କଏଁରା ବନଛୋରଙ୍କ ପାଇଁ ଏହି ଯୋଜନା ସାତସପନ ପାଳଟିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ କଏଁରାଙ୍କୁ ଅତିଶିଘ୍ର ଆବାସ ଯୋଜନାରେ ସାମିଲ କରିବାକୁ ଦାବୀ ହେଉଛି ।

ପୁରୁଷ ତୁଳନାରେ କନ୍ଧମାଳରେ ନିରକ୍ଷର ମହିଳାଙ୍କ ସଂଖ୍ୟା ଅଧିକ

କନ୍ଧମାଳ, ୨୧।୭(ନି.ପ୍ର): ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାରେ ସମସ୍ତଙ୍କୁ ସାକ୍ଷର କରିବା ଲାଗି ସରକାର ଅନେକ ଯୋଜନା କରିଥିଲେ । କୋଟି କୋଟି ଟଙ୍କା ସାକ୍ଷରତା ପାଇଁ ଖର୍ଚ୍ଚ ବି କଲେ । ହେଲେ ସାକ୍ଷରତା ହାରରେ ସେଭଳି କିଛି ସଫଳତା ମିଳିପାରିନି । କନ୍ଧମାଳ ଜିଲ୍ଲାରେ ୨୦୧୧ ଜନଗଣନା ପ୍ରକାରେ ମୋଟ ୭ ଲକ୍ଷ ୩୩ ହଜାର ୧୧୦ ଲୋକ ଅଛନ୍ତି । ପୁରୁଷ ଜନସଂଖ୍ୟା ୩ ଲକ୍ଷ ୫୯ ହଜାର ୯୪୫ ଥିବା ବେଳେ ମହିଳାଙ୍କ ସଂଖ୍ୟା ୩ ଲକ୍ଷ ୭୩ ହଜାର ୧୬୧ । ମୋଟ ଜନସଂଖ୍ୟା ୭ ଲକ୍ଷ ୩୩ ହଜାର ୧୧୦ ମଧ୍ୟରୁ ୩ ଲକ୍ଷ ୩୩ ହଜାର ୩୨୪ ଜଣ ନିରକ୍ଷର । ଟିପ ପକାଉଛନ୍ତି ପ୍ରତି କ୍ଷେତ୍ରରେ । ପୁରୁଷ ନିରକ୍ଷର ସଂଖ୍ୟା ୧ ଲକ୍ଷ ୨୬ ହଜାର ୪୫ ଥିବା ବେଳେ ମହିଳା ନିରକ୍ଷରଙ୍କ ସଂଖ୍ୟା ୨ ଲକ୍ଷ ୭ ହଜାର ୨୭୯ । ଗ୍ରାମାଂଚଳରେ ନିରକ୍ଷରଙ୍କ ସଂଖ୍ୟା ଢେର ଅଧିକା । ଜିଲ୍ଲାର ଅଧିକାଂଶ ଲୋକ ଶ୍ରମିକ, କୃଷି ଶ୍ରମିକ ଭାବେ କାର୍ଯ୍ୟରତ । ସରକାର ସଂପୂର୍ଣ୍ଣ ସାକ୍ଷରତା ଯୋଜନା, ପୌଢଶିକ୍ଷା, କଳାପଟା ଅଭିଯାନ ପରି ଅନେକ ଯୋଜନା ବିଗତ ଦିଗରେ କାର୍ଯ୍ୟକାରୀ କରିଥିଲେ । ହେଲେ ଦାୟିତ୍ୱରେ ଥିବା ସରକାରୀ ଅଫିସର ମାନଙ୍କ ଅବହେଳା, ଦାୟିତ୍ୱହୀନତା ଓ ଦୁର୍ନିତୀପୂର୍ଣ୍ଣ ମନୋଭାବ ଯୋଗୁଁ ସାକ୍ଷରତା କାର୍ଯ୍ୟକ୍ରମ ମାନ ବିଫଳ ହୋଇଛି ଜିଲ୍ଲାରେ । ୫୦ ପ୍ରତିଶତ ନିରକ୍ଷର ମହିଳା ଥିବା ଜିଲ୍ଲା ଗୁଡିକରେ ସାକ୍ଷରତା ବୃଦ୍ଧି ପାଇଁ ୨୦୦୯ ସେପ୍ଟେମ୍ବର ୮ରେ ସରକାର ଜାତୀୟ ସାକ୍ଷରତା ମିଶନ ପ୍ରଣୟନ କରିଥିଲେ । ହେଲେ କିଛି ସୁଫଳ ମିଳିଲାନି । କାଗଜ କଲମରେ ହିଁ ରହିଗଲା ଯୋଜନା । ସାକ୍ଷରତା ହାର ବଢିପାରିଲାନି । ଯଥା ପୂର୍ବଂ ତଥା ପରଂ । କେନ୍ଦ୍ର ଓ ରାଜ୍ୟ ସରକାର ପୂର୍ନବାର ସାକ୍ଷରତା ଯୋଜନା କାର୍ଯ୍ୟକାରୀ କରି ସମସ୍ତଙ୍କ ସାକ୍ଷର କରିବା ଜରୁରୀ ବୋଲି ଶିକ୍ଷାବିତ୍ ତଥା ସମାଜସେବୀ ମହମ୍ମଦ ଜିଆଉଦ୍ଦିନ ମତବ୍ୟକ୍ତ କରିଛନ୍ତି ।

ପ୍ରବାସୀ ଶ୍ରମିକଙ୍କୁ ୨ ହଜାର ଟଙ୍କା ସହାୟତା

ନୂଆପଡା, ୨୧।୭(ନି.ପ୍ର): ନୂଆପଡା ଜିଲ୍ଲାର ବିଭିନ୍ନ କ୍ୱାରେ ।ଇନ କେନ୍ଦ୍ରରେ ୧୪ ଦିନ ରହିଥିବା ପ୍ରବାସୀ ଶ୍ରମିକ ମାନଙ୍କୁ ରାଜ୍ୟ ସରକାରଙ୍କ ଘୋଷଣା କରାଯାଇଥିବା ୨ ହଜାର ଟଙ୍କା ପ୍ରଦାନ କରାଯାଉଥିବା ଦେଖିବାକୁ ମିଳିଛି । ଏହି କ୍ରମରେ ନୂଆପଡା ଜିଲ୍ଲାର ନୂଆପଡା, ଖଡିଆଳ, ବୋଡେନ, ସିନାପାଲି ଓ କୋମନା ବ୍ଲକର ୧୩୨ ଗୋଟି ପ ।ୟତରେ ଏହି ଆର୍ଥୀକ ସହାୟତା ଶ୍ରମିକ ପିଛା ୨ ହଜାର ଟଙ୍କା ପ୍ରଦାନ କରାଯାଉଥିବା ଦେଖିବାକୁ ମିଳିଛି । ବିଭିନ୍ନ ପ ।ୟତ ମାନଙ୍କରେ ସାମାଜିକ ଦୂରତା ପାଳନ କରି ପ୍ରବାସୀ ଶ୍ରମିକ ମାନଙ୍କୁ ଏହି ଆର୍ଥୀକ ସହାୟତା ପ୍ରଦାନ କରାଯାଉଥିବା ବେଳେ ୧୮ ବର୍ଷରୁ କମ ବୟସର ପ୍ରବାସୀ ମାନଙ୍କୁ ଆର୍ଥୀକ ସହାୟତା ପ୍ରଦାନ କରାଯାଉନଥିବା ସୂଚନା ମିଳିଛି । ଫଳରେ ପ୍ରବାସୀ ଶ୍ରମିକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । କ୍ୱାରେ ।ଇନରେ ଥିବା ସମସ୍ତ ସଦସ୍ୟଙ୍କୁ ତାରତାମ୍ୟ ନକରି ଏହି ଆର୍ଥୀକ ସହାୟତା ପ୍ରଦାନ କରାଯିବା ଉଚିତ ବୋଲି ପ୍ରବାସୀ ଶ୍ରମିକ ମାନେ ଅଭିଯୋଗ କରିଛନ୍ତି । ଜିଲ୍ଲାର ୫୦ ହଜାର ପ୍ରବାସୀଙ୍କୁ ଏହି ସହାୟତା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି ।

ବିଭିନ୍ନ ସମସ୍ୟା କୁ ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ସାମ୍ବାଦିକ ସଂଘ

କେନ୍ଦ୍ରାପଡ଼ା, ୨୧।୭(ନି.ପ୍ର): ମହାକାଳପଡା ବ୍ଲକ ସାମ୍ବାଦିକ ସଂଘର ସଦସ୍ୟ ମାନେ ସୋମବାର ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ବ୍ଲକର ବିଭିନ୍ନ ସମସ୍ୟା ସଂପର୍କରେ ଦୃଷ୍ଟି ଆକର୍ଷଣ କରିବା ସହ ଏହାର ସମାଧାନ ପାଇଁ ଅଲୋଚନା କରିଥିବା ଜଣାପଡିଛି । କୋଭିଡ-୧୯ ସଂକ୍ରମଣ ଜନିତ କଟକଣା ଲାଗୁ ରହିଥିବା ବେଳେ ସାମ୍ବାଦିକ ମାନେ ଜନ ସାଦାରଣଙ୍କ ସମସ୍ୟା ଓ ସରକାରଙ୍କ ଯୋଜନା ପ୍ରଣୟନ ସଂପର୍କରେ ନିରନ୍ତର ସେବା ଯୋଗଇ ଆସୁଛନ୍ତି । ରାସ୍ତାଘାଟ ଠାରୁ ଆରମ୍ଭ କରି ପ୍ରବାସୀ ଶ୍ରମିକଙ୍କ ସମସ୍ୟା, ମତ୍ସ୍ୟଜୀବି, କୃଷକ, ଶିକ୍ଷକ, କୃଷି ସମସ୍ୟା ପ୍ରଭୃତି ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଟିକିନିକି ବିବରଣୀ ସଂଗ୍ରହ କରି ଜନ ସାଧାରଣ ଓ ପ୍ରଶାସନକୁ ସଚେତନ କରାଇ ଚାଲିଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ ସହ ଅଲୋଚନା ସମୟରେ ମହାକାଳପଡା ପ୍ରେସ୍ କ୍ଲବର ସଂପାଦକ ବିରଂଚି ନାରାୟଣ ଦାସ, ସାମ୍ବାଦିକ ସଞ୍ଜୟ ଦାସ, ଅଶୋକ କୁମାର ସ୍ୱାଇଁ ଓ ସାମ୍ବାଦିକ ଶ୍ରୀମନ୍ତ ଦାସ ଅଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ସୁପର ସ୍ପ୍ରେଡର ଙ୍କୁ ନେଇ ଭୁବନରେ ଆତଙ୍କ , ବ୍ୟାଙ୍କ, ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ପାଇଁ ଏନଏସି ପ୍ରଶାସନର ନୋଟିସ

ଭୁବନ, ୨୧।୭(ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ମହୁଲପାଳ ଗ୍ରାମ ଗୁଡିଆ ସାହିର କରୋନା ସଂକ୍ରମିତ ବୋଲି ଚିହ୍ନଟ ହେବା ପୂର୍ବରୁ ଦୁଇ ଭାଇ ଭୁବନ ସହରକୁ ଆସି ସେମାନଙ୍କ ସାଙ୍ଗସାଥି ଙ୍କ ସହିତ ମିଶିବା ସହ ହୋଟେଲରେ ଖାଇବା, ଡ୍ରେସ କିଣିବା,ସୁନା କିଣିଥିବା ଯୋଗୁ ସ୍ଥାନୀୟ ଅଂଚଳରେ ଆତଙ୍କ ସୃଷ୍ଟି ହୋଇଛି । ଏନଏସି ପ୍ରଶାସନ ତରଫରୁ ସଂପୃକ୍ତ ଅଂଚଳକୁ ଅଗ୍ନିଶମ ବାହିନୀଙ୍କ ଦ୍ୱାରା ସାନିଟାଇଜେସନ କରାଯାଇଛି । ଏନଏସି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ଚିଠି ନଂ - ୭୦୩ ତା ୨୦.୦୭.୨୦୨୦ ରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଓ ବ୍ୟାଙ୍କ ପରବର୍ତି ଆଦେଶ ପର୍ଯ୍ୟନ୍ତ ବନ୍ଦ ରଖାଯିବାକୁ ନିର୍ଦ୍ଦେଶ ଦେବାପରେ ଦଧିବାମନ ଜୁଏଲର୍ସ,ପଂଜାବ ନ୍ୟାଶନାଲ ବ୍ୟାଙ୍କ, କୋଣାର୍କ କ୍ଲଥଷ୍ଟୋର, ରଗଡି ପେଟ୍ରୋଲ ପମ୍ପ, ଅମୁଲ ଷ୍ଟୋର (ସିନେମା ହଲ ସାମନା), ବୁଲୁ ଓମଫେଡ ଷ୍ଟଲ , ହୋଟେଲ ଗ୍ରୀନ ଚିଲ୍ଲି ,ସାଇ ଗଣେଶ ଭେରାଇଟ ଷ୍ଟୋର, ମହାଦେବ ଇଲେକ୍ଟ୍ରୋନିକ୍ସ ଆଜିଠାରୁ ବନ୍ଦ ରହିଛି । କରୋନା ସଂକ୍ରମିତ ଦୁଇଭାଇ ଙ୍କ ସଂପର୍ଶରେ ଆସିଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ସ୍ୱାବ ଟେଷ୍ଟ ପାଇଁ ବ୍ୟବସ୍ଥା କରାଯାଉଛି ଓ ସଂପର୍ଶରେ ଆସିଥିବା ବ୍ୟକ୍ତିମାନେ ନିଜଆଡୁ ହୋମ କ୍ୱାରେନଟାଇନରେ ରହିବାକୁ ନିବେଦନ କରାଯାଇଛି । ଜନସାଧାରଣ ନିଜେ ସତର୍କତା ଅବଲମ୍ବନ କରି ଅତି ଜରୁରୀ କାମ ନଥିଲେ ବାହାରକୁ ନଆସିବା,ସର୍ବଦା ମୁହଁରେ ମାସ୍କ ପିନ୍ଧିବା,ଦିନକୁ ୪/୫ ଥର ସାବୁନ/ହାଣ୍ଡୱାସରେ ଭଲଭାବେ ହାତ

ଭୁବନେଶ୍ୱରରେ ଆଉ ୨୧ ଆକ୍ରାନ୍ତ ଚିହ୍ନଟ : ସୁସ୍ଥ ହେଲେ ୪୯

ଭୁବନେଶ୍ୱର ,୨୧।୭ (ନି.ପ୍ର): ମଙ୍ଗଳବାର ଦିନ ଭୁବନେଶ୍ୱରରେ ୨୧ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଗତ କିଛି ଦିନରେ ନୂଆ ଆକ୍ରାନ୍ତଙ୍କ ସଂଖ୍ୟାକୁ ଦୃଷ୍ଟିକୁ ନେଲେ ଏହା ହେଉଛି ସର୍ବନିମ୍ନ । ଗତ ସପ୍ତାହରେ ଦୈନିକ ଚିହ୍ନଟ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ତଳକୁ ଖସୁ ନଥିଲା । ଏମିତିକି ଜୁଲାଇ ୧୭ ତାରିଖରେ ଗୋଟିଏ ଦିନରେ ୧୨୪ ପଜିଟିଭ୍ ବାହାରିଥିଲେ । ଗତକାଲି ୪୯ ଜଣ ପଜିଟିଭ୍ ରହିଥିଲେ , ଆଜି ଏହି ସଂଖ୍ୟା ୨୧ କୁ ହ୍ରାସ ପାଇଛି । ଏମାନଙ୍କ ମଧ୍ୟରୁ ୧୬ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୫ ଜଣ ଲୋକାଲ କେସ୍ ରହିଛନ୍ତି । ଅନ୍ୟପକ୍ଷରେ ସୁସ୍ଥଙ୍କ ସଂଖ୍ୟା ରହିଛି ୪୯ ।ଏହା ନିଶ୍ଚିନ୍ତ ଭାବେ ରାଜଧାନୀବାସୀଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଛି । କ୍ୱାରେଂଟାଇନ୍ ରୁ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ବର୍ଷକର ଶିଶୁ ପୁତ୍ର ରହିଛି । ନୟାପଲ୍ଲୀ ବେହେରାସାହିରୁ ଜଣେ ୨୮ ବର୍ଷ ମହିଳା, ରସୁଲଗଡ ଜିଜିପି କଲୋନୀରୁ ୨୬ ଓ ୪୫ ବର୍ଷର ପୁରୁଷ, ଆମ୍ରି ହସ୍ପିଟାଲ ନିକଟ ଶରଧାପଲି ବସ୍ତିରୁ ୩୩ ବର୍ଷ ପୁରୁଷ, କୋଳଥିଆରୁ ଘରୋଇ ହସ୍ପିଟାଲ ୩୨ ବର୍ଷ ମହିଳା କର୍ମଚାରୀ, ବଡଗଡ ବ୍ରିଟ୍ କଲୋନୀରୁ ୩୮ ବର୍ଷ ପୁରୁଷ, କଳିଙ୍ଗନଗର କେ-୮ ରୁ ଗୋଟିଏ ପରିବାରର ୨୪ ବର୍ଷର ମହିଳା ଓ ୧ ବର୍ଷର ଶିଶୁ ପୁତ୍ର ଆକ୍ରାନ୍ତ ହୋଇଛନ୍ତି । ସେହିପରି ଘରୋଇ ହସ୍ପିଟାଲର ୨୬ ବର୍ଷ କର୍ମଚାରୀ, ୟୁନିଟ୍ ୬ ଭୁବନେଶ୍ୱର କ୍ଲବ୍ ନିକଟରୁ ୩୧ ବର୍ଷ ପୁରୁଷ, ଆଇଆରସି ଭିଲେଜ୍ ଏନ୍ -୩ ରୁ ୫୧ ବର୍ଷ ,ପୁରୁଷ, ଏକ ଘରୋଇ ହସ୍ପିଟାଲରୁ ୩ ପୁରୁଷ କର୍ମଚାରୀ (୫୫,୨୯ ଓ ୨୩ ବର୍ଷ) ଏବଂ ନିଉ ଫରେଷ୍ଟ ପାର୍କ ଅଂଚଳରୁ ୩୮ ବର୍ଷର ମହିଳା ଓ ୧୩ ବର୍ଷର ବାଳିକା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଲୋକାଲ କଂଟାକ୍ଟ ମଧ୍ୟରୁ ସତ୍ୟନଗର କାଳୀ ମନ୍ଦିର ,ନିକଟରୁ ୪୬ ବର୍ଷ ମହିଳା, କୋଳଥିଆରୁ ୮୧ ବର୍ଷ ପୁରୁଷ , ଘରୋଇ ହସ୍ପିଟାଲର ୪୬ ବର୍ଷର କର୍ମଚାରୀ ଏବଂ ଚନ୍ଦକା ଏଲଭି ପ୍ରସାଦ ଚକ୍ଷୁ ହସ୍ପିଟାଲ ନିକଟରୁ ଗୋଟିଏ ପରିବାରର ୪୦ ବର୍ଷ ପୁରୁଷ ଓ ୩୫ ବର୍ଷ ମହିଳା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରେ ମୋଟ ପଜିଟିଭ୍ ଙ୍କ ସଂଖ୍ୟା ୧୨୫୨କୁ ବୃଦ୍ଧି ପାଇଛି । ସେମାନଙ୍କ ଭିତରୁ ୬୨୫ ଜଣ ସୁସ୍ଥ ହୋଇଥିବା ବେଳେ ୧୧ ଜଣଙ୍କର ମୃତ୍ୟୁ ଘଟିଛି । ବର୍ତମାନ ୬୧୪ ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି ।

ରାଜ୍ୟସଭା ସଦସ୍ୟ ଫୌଜିଆ ଖାନ କରୋନା ପଜିଟିଭ

ମୁମ୍ବାଇ,୨୧।୭ (ନି.ପ୍ର): ମଙ୍ଗଳବାର ଦିନ ରାଜ୍ୟସଭା ସଦସ୍ୟ ଫୌଜିଆ ଖାନଙ୍କ କରୋନା ପରୀକ୍ଷା ରିପୋର୍ଟ ପଜିଟିଭ ଆସିଛି । ପାରବାଣୀର ଜିଲ୍ଲା କଲେକ୍ଟର ଦୀପକ ମୁଗଲିକର କହିଛନ୍ତି ଯେ ଫୌଜିଆ ଖାନ ତାଙ୍କ ଘରେ ଚିକିତ୍ସିତ ହେଉଛନ୍ତି । ଏଥିସହ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ମଧ କରୋନା ପାଇଁ ଯାଂଚ କରାଯାଇଛି । ଦୀପକ ମୁଗଲିକର କହିଛନ୍ତି ଯେ ମଙ୍ଗଳବାର ଦିନ ଫୌଜିଆ ଖାନଙ୍କର କିଛି ଅସୁବିଧା ହୋଇଥିଲା ତେଣୁ ତାଙ୍କର ଦ୍ରୁତ ଆଂଟିଜେନ୍ କରୋନା ପରୀକ୍ଷା କରାଯାଇଥିଲା । ଅଧ ଘଣ୍ଟା ପରେ ରିପୋର୍ଟଟି ପଜିଟିଭ ଆସିଥିଲା । ଏହା ପରେ ଫୌଜିଆ ଖାନଙ୍କୁ ତାଙ୍କ ଘରେ ଏକାକୀ ବନ୍ଦୀ କରି ରଖାଯାଇଛି ଏବଂ ଚିକିତ୍ସା ଚାଲିଛି । ପାରବାଣୀ ଜିଲ୍ଲାର ନନ୍ଦଖେଡା ରୋଡରେ ଅବସ୍ଥିତ ତାଙ୍କ ଘର ଏବଂ ପରିବେଶକୁ ପରିମଳ କରାଯାଇଛି ଏବଂ ସମଗ୍ର ଅଞ୍ଚଳକୁ ସିଲ୍ କରାଯାଇଛି । ବୁଧବାର ଦିନ ଫୌଜିଆ ଖାନ ରାଜ୍ୟସଭା ସଦସ୍ୟ ଭାବରେ ଶପଥ ଗ୍ରହଣ କରିବାକୁ ଦିଲ୍ଲୀ ଯିବାର ଥିଲା । ସେ ଆଉ ବୁଧବାର ଦିନ ରାଜ୍ୟସଭା ସଦସ୍ୟ ଭାବରେ ଶପଥ ଗ୍ରହଣ କରିବେ ନାହିଁ ।

ପଶ୍ଚିମବଙ୍ଗ ବିଧାନ ସଭାର ପୂର୍ବତନ ବାଚସ୍ପତିଙ୍କ ପୁତ୍ର ଓ ଶ୍ରମିକ ନେତା କରୋନା ସଂକ୍ରମିତ

କୋଲକତା,୨୧।୭ (ନି.ପ୍ର): ପଶ୍ଚିମବଙ୍ଗରେ କରୋନା ଭାଇରସର ସଂକ୍ରମଣ ବଢ଼ି ବଢ଼ି ଚାଲିଛି । ରାଜ୍ୟ ବିଧାନସଭାର ପୂର୍ବତନ ଅଧକ୍ଷଙ୍କ ପୁତ୍ର ଫବାଦ ହଲିମଙ୍କ ରିପୋର୍ଟ କରୋନା ଭାଇରସ ପଜିଟିଭ ଆସିଛି । ଏହା ବାଦ ସିଟୁର ବଡ଼ ନେତା ଅନାଦି ସାହୁଙ୍କର ମଧ୍ୟ ଯାଂଚ ରିପୋର୍ଟକରୋନା ଭାଇରସ ପଜିଟିଭ ମିଳିଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏହି ଦୁଇଜଣଙ୍କ ସମ୍ପର୍କରେ ଆସିଥିବା ଲୋକଙ୍କୁ ଯାଂଚ ଆରମ୍ଭ କରିଦେଇଛି । ସମସ୍ତଙ୍କୁ କ୍ୱାରେନଟାଇନରେ ରଖାଯିବ । ସ୍ୱାସ୍ଥ୍ୟ ବିଭାଗ କହିଛି କି ଦୁଇ ନେତାଙ୍କ ପରିବାର ବର୍ଗଙ୍କୁ ହୋମ କ୍ୱାରେନଟାଇନରେ ରଖାଯାଇଛି । ସମସ୍ତଙ୍କ ନମୁନା ଯାଂଚ କରିବା ପାଇଁ ଏକତ୍ରିତ କରାଯିବ । ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଏହା ଦୃଷ୍ଟି ଗୋଚର କରାଯାଇଛି କି ସୋମବାର ରାତିରେ ଏହି ଦୁଇ ଜଣଙ୍କ ନମୁନା ପଜିଟିଭ ଆସିଥିଲା । ଏହା ପରେ ତାଙ୍କୁ କୋଭିଡ଼-୧୯ ହସ୍ପିଟାଲରେ ଭର୍ତି କରାଯାଇଛି । ଦୁଇଜଣଙ୍କ ପତ୍ନୀଙ୍କୁ ବି ପଜିଟିଭ ହେବାର ସମ୍ଭାବନା ଅଛି କାରଣ ତାଙ୍କଠାରେ କରୋନା ଭାଇରସର ଲକ୍ଷଣ ନଜରକୁ ଆସିଛି । ଉଲ୍ଲେଖନୀୟ ଯେ, କଲିକତା ପୋଲିସରେ ୧୦୦୦ ଯବାନ କରୋନା ଭାଇରସ ପଜିଟିଭ ହୋଇଛନ୍ତି । ଏହା ବାଦ ରାଜ୍ୟର ଅନ୍ୟ ନେତା, ମନ୍ତ୍ରୀ ମଧ୍ୟ ଏହି ମହାମାରୀରେ ଆକ୍ରାନ୍ତ ହୋଇଛନ୍ତି । ଟିମ୍ ଇଣ୍ଡିଆର ପୂର୍ବତନ କ୍ୟାପଟେନ ସୌରଭ ଗାଙ୍ଗୁଲିଙ୍କ ବଡ଼ଭାଇ ଏବଂ ତାଙ୍କ ଭାଉଜ ମଧ୍ୟ କରୋନା ଭାଇରସରେ ଆକ୍ରାନ୍ତ ହୋଇଛନ୍ତି । ଗାଙ୍ଗୁଲି ମଧ୍ୟ କ୍ୱାରେନଟାଇନରେ ଅଛନ୍ତି ।

ସମାଜସେବୀ ରବୀନ୍ଦ୍ର ନାଥ ଦାସଙ୍କ ବିୟୋଗ

ଭୁବନେଶ୍ୱର,୨୧।୭ (ନି.ପ୍ର): ଓଡିଶା କାଜୁ ଉନ୍ନୟନ ନିଗମ ଲିଃ.ର ଅଧକ୍ଷ ଶ୍ରୀ ଅମରେନ୍ଦ୍ର ଦାସଙ୍କର ପିତା ଶ୍ରୀ ରବୀନ୍ଦ୍ରନାଥ ଦାସଙ୍କ ଗତକାଲି ସଂଧାରେ ପରଲୋକ ଘଟିଯାଇଛି । ସ୍ୱର୍ଗତ ଦାସ ଜଗତସିଂହପୁର ଜିଲ୍ଲାର ଜଣେ ସମାଜସେବୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ସୁପରିଚିତ ଥିଲେ । ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା । ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ତାଙ୍କର ବିୟୋଗ ଖବର ପାଇ ଗତକାଲି ରାଜ୍ୟ ଜଳ ସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ତାଙ୍କୁ ଡାକ୍ତରଖାନାରେ ଶେଷ ଦର୍ଶନ କରିଥିଲେ । ତାଙ୍କ ବିୟୋଗରେ ମନ୍ତ୍ରୀ ଶ୍ରୀ ଦାସ ଶୋକ ପ୍ରକାଶ କରିବା ସହିତ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା ପୂର୍ବକ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ଆଜି ସକାଳେ ରବୀନ୍ଦ୍ରନାଥଙ୍କ ପାର୍ଥିବ ଶରୀରକୁ ତାଙ୍କ ନିଜ ଗ୍ରାମ ଜଗତସିଂହପୁର ଜିଲ୍ଲା ଗୋପାଳସାଗରକୁ ନିଆଯାଇଥିଲା । ସେଠାରେ ତାଙ୍କୁ ବହୁ ବିଶିଷ୍ଟ ବ୍ୟକ୍ତି, ବନ୍ଧୁ ଓ ଆତ୍ମୀୟସ୍ୱଜନ ଶେଷ ଦର୍ଶନ କରିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

ଜିଲ୍ଲାପାଳଙ୍କ ବିରୋଧରେ କୋଭିଡ୍ ନିୟମ ଉଲ୍ଲଙ୍ଘନ ଅଭିଯୋଗ

ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କଠାରେ ଦାବୀ କଲେ ଗତିକୃଷ୍ଣ

ପାରାଦ୍ୱୀପ ,୨୧।୭ (ନି.ପ୍ର): ଦେଶରେ କରୋନା ଜନିତ ମହାମାରୀ ଦିନକୁ ଦିନ ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ ଅଧିକ ସଂକ୍ରମିତ ରାଜ୍ୟ ମହାରାଷ୍ଟ୍ର ସମେତ ଅନ୍ୟ ସମ୍ବେଦନଶୀଳ ରାଜ୍ୟମାନଙ୍କରୁ ହଜାର ହଜାର ସଂଖ୍ୟାରେ ଶ୍ରମିକ ମାନଙ୍କୁ ଆଣିବାକୁ ଅନୁମତି ଦେଇ ସେମାନଙ୍କୁ ଉପଯୁକ୍ତ ବ୍ୟବସ୍ଥାରେ ନରଖିବା ଦ୍ୱାରା ପାରାଦ୍ୱୀପ ଏବଂ ଏହାର ଆଖପାଖ ଅଞ୍ଚଳରେ କରୋନା ମହାମାରୀ ଦିନକୁ ଦିନ ଭୟଙ୍କର ରୂପ ନେଉଛି । ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଜିଲ୍ଲାପାଳ ସାଧାରଣ ଲୋକଙ୍କ ଜୀବନକୁ ମରଣ ଓ ବିପଦ ମୁଖକୁ ଠେଲି ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି ଆଇନ୍‌ଜୀବୀ ଗତିକୃଷ୍ଣ ଶତପଥି । ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ନିଜସ୍ୱ ଜିଲ୍ଲାରେ ଜିଲ୍ଲାପାଳ ହେବ ସହିତ ଜିଲ୍ଲା ମାଜିଷ୍ଟ୍ରେଟ୍‌ର କ୍ଷମତା ଉପଭୋଗ କରୁଛନ୍ତି । ଓଡିଶା ସରକାରଙ୍କର ସାଧାରଣ ପ୍ରଶାସନ ବିଭାଗର ସର୍କୁଲାର ନମ୍ବର-୧୯୫୩୮-୯/୯୧ଜୋନ୍ ଅନୁସାରେ କୌଣସି ଜିଲ୍ଲାପାଳ / ପ୍ରଥମଶ୍ରେଣୀ କ୍ୟାଡର ଅଧିକାରୀ ନିଜ ଜିଲ୍ଲାକୁ ପୋଷ୍ଟିଙ୍ଗ କିମ୍ବା ବଦଳି ହୋଇପାରିବେ ନାହିଁ । କିନ୍ତୁ ଜିଲ୍ଲାପାଳ ଶ୍ରୀ ମହାପାତ୍ର ସମସ୍ତ ସରକାରୀ ନିୟମ ଉଲ୍ଲଙ୍ଘନ କରିଛନ୍ତି ବୋଲି ଶ୍ରୀ ଶତପଥି ଅଭିଯୋଗ କରିଛନ୍ତି । ମଙ୍ଗଳବାର ଦିନ ଶ୍ରୀ ଶତପଥିଙ୍କ ସହିତ ବହୁ ଯୁବକ ପାରାଦ୍ୱୀପ ର ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ମହାମହିମ ରାଜ୍ୟପାଳ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଏହି ଦାବୀପତ୍ରରେ ଜଗତସିଂହପୁର ଜିଲ୍ଲାପାଳଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଉଲ୍ଲେଖ ରହିଛି ।

ଜଳେଶ୍ୱର ବ୍ଲକ ଅଂଚଳରେ କରୋନା ପଜେଟିଭ୍-୧୯ : ୨ ପଂଚାୟତ ସଟ୍‌ଡାଉନ୍ ପରିସ୍ଥିତି, କଣ୍ଟେନ୍‌ମେଣ୍ଟକୁ ଅପେକ୍ଷା

ଜଳେଶ୍ୱର,୨୧।୭ (ନି.ପ୍ର): ଗତ ୧୮ତାରିଖରେ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ନଛିମପୁର ପଂଚାୟତର ଆମ୍ବଳିଅଠାରୁ ୩୬ ଓ ରାଜପୁର ପଂଚାୟତରୁ ୩୩ଟି ସ୍ୱାବ ସଂଗ୍ରହ କରାଯାଇଥିଲା । ସୋମବାର ରାତିରେ ଏ ସବୁର ରିପୋର୍ଟ ପହଞ୍ଚିବାପରେ ଉପାନ୍ତ ନଛିମପୁର ପଂଚାୟତର ଆମ୍ବଳିଅଠା ଗାଁରେ ୧୩ ଓ ରାଜପୁର ପଂଚାୟତର ରାଜପୁର ଗାଁରେ ୬ଟି ପଜେଟିଭ୍ ଚିହ୍ନଟ ହୋଇଥିବା ଜଣାଯାଇଛି । ନଛିମପୁର ପଂଚାୟତର ୪ଟି ଗାଁ ପଶ୍ଚିମମେଦିନୀପୁର ଜିଲା ସୀମାକୁ ଲାଗି ରହିଛି । କିନ୍ତୁ ଆମ୍ବଳିଅଠା ଗାଁରେ ପୂର୍ବରୁ ୩ଜଣଙ୍କର କରୋନା ପଜେଟିଭ୍ ଦେଖା ଦେଇଥିବାରୁ ୧୮ତାରିଖରେ ସେମାନଙ୍କ ପରିବାରବର୍ଗ ଓ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ୩୬ଜଣଙ୍କର ସ୍ୱାବ ସଂଗ୍ରହ କରାଯାଇଥିଲା । କିନ୍ତୁ ପଂଚାୟତର ଲୋକେ ସରକାରଙ୍କ ନିତୀନିୟମ ମାନୁନଥିବାରୁ ନଛିମପୁର ପଂଚାୟତରେ ସଟ୍‌ଡାଉନ୍ ପରିସ୍ଥିତି ଉପୁଜିଛି । ଏହାକୁ ଲକ୍ଷ କରି ସରପଂଚ ଦୀପାଳି ଜେନା ଆମ୍ବଳିଅଠା ଗାଁର ପ୍ରବେଶପଥକୁ ବେରିକେଟ୍ ନିର୍ମାଣ କରିଛନ୍ତି । ଆଜି ପଂଚାୟତ ପକ୍ଷରୁ ମାଇକ୍ ଯୋଗେ ସଚେତନ କରାଯାଇଥିଲେ ମଧ୍ୟ ଅମାନିଆ ଜନସାଧାରଣ ସେପରି ବେରିକେଟ୍‌କୁ ଭାଂଗି ଫୋପାଡି ଦେଇଥିବା ଦେଖିବାକୁ ମିଳୁଛି । ଏହି ପଂଚାୟତ ପଶ୍ଚିମବଂଗକୁ ଲାଗି ରହିଥିବାରୁ ଏଠାରେ କରୋନା ସଂକ୍ରମିତ ସଂଖ୍ୟା ଅଧିକ ହେବାର ଆଶଙ୍କା ଥିବାରୁ ଏହାକୁ ସଟ୍‌ଡାଉନ୍ ଓ କଣ୍ଟେନ୍‌ମେଣ୍ଟ ଘୋଷଣା କରିବାକୁ ପଂଚାୟତବାସୀଙ୍କୁ ପକ୍ଷରୁ ଦାବି କରାଯାଇଛି । ଆସନ୍ତାକାଲି ବୁଧବାର ଆମ୍ବଳିଅଠା ଗାଁ କୁ ସାନିଟାଇଜେସନ୍ କରାଯିବ ବୋଲି ସରପଂଚ ସୂଚନା ଦେଇଛନ୍ତି । ରାଜପୁର ପଂଚାୟତରେ ପୂର୍ବରୁ ଜଣେ ପାଉଁରୋଟି ବିକାଳୀର କରୋନା ପଜେଟିଭ୍ ଦେଖାଦେଇଥିବାରୁ ସେଠାରୁ ଗତ ୧୮ତାରିଖରେ ୩୩ଟି ସ୍ୱାବ ପଠାଯାଇଥିବା ବେଳେ ୬ଜଣଙ୍କର ପଜେଟିଭ୍ ଦେଖାଦେଇଥିବାରୁ ସରପଂଚ ଦିଲ୍ଲିପ କୁମାର ପରିଡା ଆଜି ପଂଚାୟତର ସମସ୍ତ ରାସ୍ତାକୁ ସାନିଟାଜେନ୍ କରିଛନ୍ତି । ସଡ୍‌ଡାଉନ୍ ଓ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିବାର କ୍ଷମତା ଏବେ ସରପଂଚଙ୍କଠାରେ ନଥିବାରୁ ଜିଲା ପ୍ରଶାସନ ଏଥିନେଇ ସହମତି ପ୍ରକାଶ କରିନାହିଁବୋଲି ଜଳେଶ୍ୱର ବିଡିଓ ଦିପ୍ତିରଂଜନ ସେଠୀ କହିଛନ୍ତି । ଆଗାମୀ ଦିନରେ ପରିସ୍ଥିତିକୁ ଲକ୍ଷକରି କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ସେ କହିଛନ୍ତି ।

ମଧ୍ୟପ୍ରଦେଶ ରାଜ୍ୟପାଳ ଲାଲଜୀ ଟଣ୍ଡନଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର ,୨୧।୭ (ନି.ପ୍ର): ମଧ୍ୟପ୍ରଦେଶର ରାଜ୍ୟପାଳ ଲାଲଜୀ ଟଣ୍ଡନଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ ନାଏକ ଗଭୀର ଶୋକ ପ୍ରକାଶ କରିବା ସହ ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିଛନ୍ତି । ସ୍ୱର୍ଗତଃ ଟଣ୍ଡନ ଜଣେ ଲୋକପ୍ରିୟ ଜନନେତା, ଦକ୍ଷ ପ୍ରଶାସକ ଏବଂ ସମାଜସେବୀ ଭାବେ ବେଶ ଜଣାଶୁଣା ଥିଲେ । ସବୁ ସମୟରେ ସେ ଲୋକଙ୍କ ସୁଖ ଦୁଃଖରେ ସାମିଲ ହେଉଥିଲେ । ସ୍ୱର୍ଗତଃ ଟଣ୍ଡନ ଦୁଇ ଥର ଉତର ପ୍ରଦେଶ ବିଧାନ ପରିଷଦର ସଦସ୍ୟ ଏବଂ ୧୯୯୬ ରୁ ୨୦୧୯ ମଧ୍ୟରେ ୩ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ୨୦୦୯ରେ ସେ ଲକ୍ଷ୍ନୌ ସଂସଦୀୟ କ୍ଷେତ୍ରରୁ ଲୋକସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ୨୦୧୮ରେ ତାଙ୍କୁ ବିହାର ରାଜ୍ୟପାଳ ଏବଂ ପରେ ତାଙ୍କୁ ମଧ୍ୟପ୍ରଦେଶର ରାଜ୍ୟପାଳ ଭାବେ ଦାୟୀତ୍ୱ ଦିଆଯାଇଥିଲା । ସମାଜର ବିଭିନ୍ନ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ । ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା । ସ୍ୱର୍ଗତଃ ଟଣ୍ଡନଙ୍କ ବିୟୋଗରେ ଶ୍ରୀ ମହାନ୍ତି ଏବଂ ଶ୍ରୀ ନାଏକ ଅତ୍ୟନ୍ତ ମର୍ମାହତ ବୋଲି କହିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

ବିଜୟ ମହାନ୍ତିଙ୍କ ବିୟୋଗରେ ବାଚସ୍ପତିଙ୍କ ଶୋକ

ଭୁବନେଶ୍ୱର ,୨୧।୭ (ନି.ପ୍ର): ଓଡ଼ିଆ ଚଳଚ୍ଚିତ୍ର ଜଗତର ଭୀଷ୍ମ ପିତାମହ, ପ୍ରବୀଣ ଅଭିନେତା ତଥା ନିର୍ଦ୍ଦେଶକ ବିଜୟ ମହାନ୍ତିଙ୍କ ବିୟୋଗରେ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ଗଭୀର ଶୋକପ୍ରକାଶ କରିଛନ୍ତି । ଏକ ଶୋକବାର୍ତାରେ ବାଚସ୍ପତି ଡ. ପାତ୍ର କହିଛନ୍ତି ଯେ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ବିଜୟ ମହାନ୍ତିଙ୍କ ଅବଦାନ ଅବିସ୍ମରଣୀୟ । ନାୟକ ଓ ଖଳନାୟକ ଭୂମିକାରେ ତାଙ୍କର ଅଭିନୟ ହୃଦୟସ୍ପର୍ଶୀ ଥିଲା । ଜଣେ ସମାଜସେବୀ ଓ ଦରଦୀ ମଣିଷ ଭାବେ ସେ ସମସ୍ତଙ୍କର ପ୍ରିୟଭାଜନ ଥିଲେ । ତାଙ୍କର ବିୟୋଗ ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ଏକ ଅପୂରଣୀୟ କ୍ଷତି । ବାଚସ୍ପତି ଡ. ପାତ୍ର ବିଜୟ ମହାନ୍ତିଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି ।

ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୨୧।୭ (ନି.ପ୍ର): ଆଜି ଗଂଜାମ ଜିଲ୍ଲାରେ ୨୨୫ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୫୯୯୧ ରେ ପହଂଚିଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୨୨୯, ବାଲେଶ୍ୱର ଜିଲ୍ଲାରେ ୭୪୪, ବରଗଡ ଜିଲ୍ଲାରେ ୨୭୩, ଭଦ୍ରକ ଜିଲ୍ଲାରେ ୩୯୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୨୯୧. ବୌଦ୍ଧ ଜିଲ୍ଲାରେ ୭୭, କଟକ ଜିଲ୍ଲାରେ ୧୩୨୭, ଦେବଗଡ ଜିଲ୍ଲାରେ ୬୯, ଢେଙ୍କାନାଳ ଜିଲ୍ଲାରେ ୧୪୨. ଗଜପତି ଜିଲ୍ଲାରେ ୭୧୮ ଜଗତସିଂହପୁର ଜିଲ୍ଲାରେ ୫୭୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୧୦୨୩, ଝାରସୁଗୁଡା ଜିଲ୍ଲାରେ ୨୨୬, କଳାହାଣ୍ଡି ଜିଲ୍ଲାରେ ୮୭, କନ୍ଧମାଳ ୨୫୫, କେନ୍ଦ୍ରାପଡା ଜିଲ୍ଲାରେ ୩୬୫, କେନ୍ଦୁଝର ଜିଲ୍ଲାରେ ୪୨୨, ଖୋର୍ଧା ଜିଲ୍ଲାରେ ୨୦୯୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୩୩୯, ମାଲକାନଗିରି ଜିଲ୍ଲାରେ ୩୦୬, ମୟୂରଭଂଜ ଜିଲ୍ଲାରେ ୪୭୧. ନବରଙ୍ଗପୁର ଜିଲ୍ଲାରେ ୧୫୯ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୩୪୪, ନୂଆପଡା ଜିଲ୍ଲାରେ ୧୦୦, ପୁରୀ ଜିଲ୍ଲାରେ ୪୧୬, ରାୟଗଡା ଜିଲ୍ଲାରେ ୨୪୨. ସମ୍ବଲପୁର ଜିଲ୍ଲାରେ ୧୯୪. ସୁବର୍ଣପୁର ଜିଲ୍ଲାରେ ୫୪ ଓ ସୁନ୍ଦରଗଡ ଜିଲ୍ଲାରେ ୮୨୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ବୁଧବାର,୨୨ଜୁଲାଇ ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଆନ୍ଧ୍ର ପ୍ରଦେଶରେ ଗୋଟିଏ ଦିନରେ ନୂଆ ୪୯୪୪ କରୋନା ମାମଲା

ଅମରାବତୀ,୨୧।୭ (ନି.ପ୍ର): ଆନ୍ଧ୍ର ପ୍ରଦେଶରେ କରୋନା ମାମଲା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଗୋଟିଏ ଦିନରେ ୪୯୪୪ ଜଣଙ୍କ ମଧ୍ୟରେ କରୋନା ମାମଲାକୁ ଆସିଛି । ଏହା ରାଜ୍ୟରେ କରୋନାର ମୋଟ ମାମଲା ୫୮,୬୬୮ରେ ପହଂଚିଛି । ଗୁଂଟୁର ଠାରେ ସର୍ବାଧିକ ୫୭୭ ମାମଲା ରହିଥିଲା। ସ୍ୱାସ୍ଥ୍ୟ ଓ ଚିକିତ୍ସା ବିଭାଗ ପକ୍ଷରୁ ଜାରି ବୁଲେଟିନରେ ଏହି ସୂଚନା ଦିଆ ଯାଇଛି । ଗତ ୨୪ ଘଂଟା ମଧ୍ୟରେ ୬୨ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ରାଜ୍ୟରେ ମୋଟ ମୃତ୍ୟୁ ସଂଖ୍ୟା ୭୫୮ ରେ ପହଂଚିଛି। ସର୍ବଶେଷ ବୁଲେଟିନରେ ପୂର୍ବ ଗୋଦାବରୀରେ ୧୦ ଜଣ, ବିଶାଖାପାଟନମରେ ୯ ଜଣ, ଚିତ୍ରକୋରରେ ୮ ଜଣ, ଶ୍ରୀକାକୁଲମରେ ୭ ଜଣ, ଅନନ୍ତପୁରରେ ୬ ଜଣ, ପଶ୍ଚିମ ଗୋଦାବରୀରେ ୬ ଜଣ, ଗୁଂଟୁର ଏବଂ ପ୍ରକାଶମ ଜିଲ୍ଲାରେ ୫ ଜଣ, କୁର୍ଣ୍ଣୁଲରେ ୪ ଜଣ ଏବଂ କାଦାପାରେ ୧୦ ଜଣଙ୍କର ମୃତ୍ୟୁ ଘଟିଛି।

ଗତ ୨୪ ଘଂଟାରେ ଦେଶରେ ୩୭୧୪୮ ଟି କରୋନାର ନୂଆ ମାମଲା:୫୮୭ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୨୧।୭ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୩୭୧୪୮ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହା ସହିତ କରୋନା ମାମଲା ସଂଖ୍ୟା ୧୧,୫୫,୧୯୧ କୁ ବୃଦ୍ଧି ପାଇଛି । ଗତ ୨୪ ଘଂଟା ମଧ୍ୟରେ ୫୮୭ ଜଣଙ୍କର ମୃତ୍ୟୁ ଘଟିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତମାନ ୪୦୨୫୨୯ ସକ୍ରିୟ ରୋଗୀ ଅଛନ୍ତି। ଏଥି ସହିତ ବର୍ତମାନ ସୁଦ୍ଧା ୨୮୦୮୪ ମୃତ୍ୟୁବରଣ କରିଛନ୍ତି । ଦେଶରେ ମୋଟ ୭୨୪୫୭୮ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି ।

ପୂର୍ବୋତ୍ତରରେ ୮ଟି ରାଜ୍ୟରେ ମୋଟ ୩୩,୦୦୬ କରୋନା ରୋଗୀ

ଗତ ୨୪ ଘଂଟାରେ ୧୪୪୬ ନୂଆ କରୋନା ରୋଗୀ ଚିହ୍ନଟ

ଗୌହାଟୀ,୨୧।୭ (ନି.ପ୍ର): ପୂର୍ବୋତରରେ ସିକିମ ସହିତ ଆଠଟି ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ସହିତ ସୁସ୍ଥ ହୋଇଥିବା ରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ଘଟିଛି । ଦ୍ରୁତ ଗତିରେ ନୂଆ କରୋନା ରୋଗୀ ମିଳୁଥିବା ଚିନ୍ତାର କାରଣ ହୋଇଛି । ପୂର୍ବୋତରରେ ସବୁଠାରୁ ଅଧିକ ମାମଲା ଆସାମରେ ଅଛି, ତ୍ରିପୁରା ଦ୍ୱିତୀୟ ସ୍ଥାନରେ ଥିବା ବେଳେ ମଣିପୁର ତୃତୀୟ ସ୍ଥାନରେ ରହିଛି । ପୂର୍ବୋତରରେ ଗତ ୨୪ ଘଂଟା ମଧ୍ୟରେ ୧୪୪୬ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ସେହିପରି ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୩,୦୦୬ରେ ପହଂଚିଛି । ଏଥିମଧ୍ୟରୁ ୨୧,୩୧୮ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ମୋଟ ୧୨୯୧ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ଏବଂ ୧୧,୫୫୫ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଜାରି ରହିଛି । ୭୭ ଜଣ ରୋଗୀଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ କରୋନା ରୋଗୀ ବାହାରକୁ ଚାଲିଯାଇଛନ୍ତି । ଆସାମରେ ନୂଆ ରୋଗୀଙ୍କ ସଂଖ୍ୟା ୧୦୯୩ରେ ପହଂଚିଛି । ରାଜ୍ୟର ମୋଟ କରୋନା ରୋଗୀଙ୍କ ସଂଖ୍ୟା ୨୫୦୯୩ ହୋଇଛି । ଏଥିରୁ ୧୭୦୭୨ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୧୦୭୨ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୭୯୩୧ ରୋଗୀଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ୬୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ରୋଗୀ ରାଜ୍ୟ ବାହାରକୁ ଚାଲିଯାଇଛନ୍ତି । ତ୍ରିପୁରାରେ ୨୦୨ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୩୦୯୩ ରେ ପହଂଚିଛି । ୧୮୪୫ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୮୬ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ୧୨୨୫ ରୋଗୀଙ୍କ ଚିକିତ୍ସା ଜାରି ରହିଛି । ଏବେ ସୁଦ୍ଧା ୭ ଜଣଙ୍କର ମୃତ୍ୟୁ ଘଟିଛି । ମଣିପୁରରେ ୧୪ ନୂଆ କରୋନା ରୋଗୀ ମିଳିଛନ୍ତି । ଏଥି ସହିତ ରାଜ୍ୟର ମୋଟ ରୋଗୀଙ୍କ ସଂଖ୍ୟା ୧୯୨୫ରେ ପହଂଚିଛି । ସେଥିମଧ୍ୟରୁ ୧୩୨୦ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୮୫ ଜଣ ସୁସ୍ଥ ହୋଇଛନ୍ତି ଏବଂ ୬୦୫ ଜଣଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ନାଗାଲାଣ୍ଡରେ ୩୩ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୧୦୨୧ ହୋଇଛି । ରାଜ୍ୟରେ ୪୮୪ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୩୯ ଜଣ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୫୩୭ ଜଣ ରୋଗୀ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ହେଉଛନ୍ତି । ଅରୁଣାଚଳ ପ୍ରଦେଶରେ ୫୦ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୭୯୦ ହୋଇଛି । ୨୮୫ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୩ ଜଣ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୫୦୨ ଜଣ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଜାରି ରହିଛି । ଏବେ ସୁଦ୍ଧା ୩ ଜଣଙ୍କର ମୃତ୍ୟୁ ହୋଇଛି । ମେଘାଳୟରେ ୧୯ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟର ମୋଟ କରୋନା ସଂକ୍ରମିତଙ୍କ

▶▶ପୃଷ୍ଠା ୭

ଅବସରପ୍ରାପ୍ତ ଆଇଏଏସ୍ ପ୍ରିୟବ୍ରତ ପଟ୍ଟନାୟକଙ୍କ ପରଲୋକ

ଭୁବନେଶ୍ୱର,୨୧।୭ (ନି.ପ୍ର): ଭାରତୀୟ ପ୍ରଶାସନିକ ସେବାର ଅବସରପ୍ରାପ୍ତ ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକଙ୍କ ପରଲୋକ ହୋଇ ଯାଇଛି । ମୁମ୍ବାଇରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରିୟବ୍ରତଙ୍କ ପରଲୋକ ହୋଇଥିବା ନେଇ ତାଙ୍କର ପରିବାର ବର୍ଗ ପକ୍ଷରୁ ସୂଚନା ଦିଆଯାଇଛି । ଆଜି ସକାଳ ସାଢେ ସାତଟା ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା । ସେ କର୍କଟ ରୋଗରେ ପୀଡ଼ିତ ହୋଇ ମୁମ୍ବାଇରେ ଚିକିତ୍ସିତ ହେଉଥିଲେ । ୧୯୭୬ ମସିହା ବ୍ୟାଚର ଆଇଏଏସ୍ ପ୍ରିୟବ୍ରତ ପଟ୍ଟନାୟକ ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଥିଲେ । ଏହାପରେ ସେ ରାଜ୍ୟ ସରକାରଙ୍କ ବିଭିନ୍ନ ପଦପଦବୀରେ ରହି ଦାୟିତ୍ୱ ନିର୍ବାହ କରିଥିଲେ । ସେ ଓଡ଼ିଶା କୁଡୋ ଆସୋସିଏସନର ମଧ୍ୟ ଅଧ୍ୟକ୍ଷ ଥିଲେ । ଜଣେ ଦକ୍ଷ ପ୍ରଶାସକ, ସଂସ୍କୃତିପ୍ରେମୀ ଓ କ୍ରୀଡ଼ାପ୍ରେମୀ ଭାବେ ତାଙ୍କର ଯଥେଷ୍ଟ ସୁନାମ ଥିଲା ।

ସଟ୍‌ଡାଉନ୍ ଓ କଣ୍ଟେନ୍‌ମେଣ୍ଟ ଜୋନ୍ ସମୀକ୍ଷା କଲେ ଏପିଡି : ବୁଧବାରରୁ ଖୋଲିବ ବ୍ୟାଙ୍କ

ଜଳେଶ୍ୱର,୨୧।୭ (ନି.ପ୍ର): ଜଳେଶ୍ୱର ସଟ୍‌ଡାଉନ୍ ଘୋଷଣାର ୨ୟ ଦିନରେ ଜିଲା ପ୍ରଶାସନ ପକ୍ଷରୁ ଏପିଡି ନିଲୁ ମହାପାତ୍ର ଆଜି ଜଳେଶ୍ୱରରେ ପହଞ୍ଚି ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଛନ୍ତି । ବୁଧବାରଠାରୁ ଜଳେଶ୍ୱରରେ ଥିବା ସମସ୍ତ ବ୍ୟାଙ୍କ ଅଧା କର୍ମଚାରୀରେ କାର୍ଯ୍ୟକରିବ ବୋଲି ସୂଚନା ଦେଇଛନ୍ତି । କଣ୍ଟେନ୍‌ମେଣ୍ଟ ଜୋନ୍‌ର ବାସନ୍ତୀପଡିଆଠାରେ ଥିବା ବେରିକେଟ୍ ଆଜି ଭଂଗା ହୋଇ ପଡିଥିବାର ଦେଖିବାକୁ ମିଳିଥିଲା । ଗତ ସୋମବାର ସକାଳ ୮ଟାରୁ ରାତ୍ରି୧୦ଟା ଯାଏ ପୁଲିସ୍ ଜଗିଥିବା ବେଳେ ରାତ୍ରି ୧୦ରୁ ସକାଳ ୮ଟା ପର୍ଯ୍ୟନ୍ତ ସେଠାରେ ପୁଲିସ୍ ନଥିବା ଅଭିଯୋଗ ହୋଇଛି । ଫଳରେ ଆଜି ସକାଳେ କଣ୍ଟେନ୍‌ମେଣ୍ଟ ଜୋନ୍‌ର କେତେକ ବ୍ୟକ୍ତି ବାହାରକୁ ଆସିଥିବା ଓ ଅନ୍ୟ କେତେକ ବାହାର ବ୍ୟକ୍ତି ଭିତରକୁ ଯାଇ ବୁଲାବୁଲି କରୁଥିବା ଅଭିଯୋଗ ହୋଇଛି । ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ମଙ୍ଗଳବାଳ ଅପରାହ୍ନରେ ଏପିଡି ଶ୍ରୀ ମହାପାତ୍ର ଜଳେଶ୍ୱରରେ ପହଞ୍ଚିବାପରେ ଏଥିନେଇ କେତେକ ଅଭିଯୋଗ ତାଙ୍କଠାରେ ପହଞ୍ଚିଛି। ଅନ୍ୟପକ୍ଷରେ କାଣ୍ଟେନ୍‌ମେଣ୍ଟ ଜୋନ୍‌କୁ ବାଦଦେଇ ଅନ୍ୟ ୧୬ଟି ୱାର୍ଡରେ ୧୬ଟି ସର୍ଭେ ଟିମ୍ ଗାଁ କୁ ଗାଁ ଯାଇ ସର୍ଭେକାର୍ଯ୍ୟ ଆରମ୍ଭ କରିଛନ୍ତି। ଆସନ୍ତା ବୁଧବାର ସକାଳ ୮ଟାରୁ ୧୧ଟା ଯାଏ ବ୍ୟାଙ୍କ ଗୁଡିକ ଗ୍ରାହକ ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଶନିବାର, ରବିବାର ପୂର୍ବପରି ସଟ୍‌ଡାଉନ୍ ନିୟମ ବଳବତ୍ତର ରହିବ ।

+ବବିଙ୍କ ନିର୍ଦ୍ଦେଶରେ ଥଇଥାନ ହେଲେ ଅସହାୟ ମହିଳା

ବାରିପଦା ,୨୦।୭ (ନି.ପ୍ର): ବିଶୋଇ ବ୍ଲକ ଅନ୍ତର୍ଗତ କଟାସ ଗ୍ରାମର ଅସହାୟ ମାଆ ଶ୍ରୀମତୀ ପାଲ ତାଙ୍କ ପୁଅଙ୍କ ଦ୍ୱାରା ଉପେକ୍ଷିତ ହୋଇ ଅସହାୟ ଅବସ୍ଥାରେ ରହିଆସୁଥିଲେ । ଏବାବଦରେ ବିଜେଡି ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ମୟୂରଭ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ ଓଡିସା କୃଷିଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି ଏବଂ ବିଜେଡି ମୟୂରଭ ସଦର ସଭାପତି କାଶିନାଥ ହେମ୍ବ୍ରମଙ୍କୁ ଅସହାୟ ବୃଦ୍ଧାଜଣଙ୍କୁ ଜିଲ୍ଲା ପ୍ରସାଶନ ସହିତ ଆଲୋଚନା କରି ତୁରନ୍ତ ଥଇଥାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଜି କୃଷିଶଳ୍ପ ନିଗମର ଅଧ୍ୟକ୍ଷ ଶ୍ରୀ ମହାନ୍ତି ଓ ମୟୂରଭ ସଦର ବିଜେଡି ସଭାପତି ଶ୍ରୀ ହେମ୍ବ୍ରମଙ୍କ ନେତୃତ୍ୱରେ ସ୍ଥାନୀୟ ସରପଂଚ, ୱାର୍ଡମେମ୍ବର, ବିଶୋଇର ବରିଷ୍ଠ ବିଜେଡି ନେତା ବୁଦ୍ଧିମାନ ମଣ୍ଡଳ, ବିଧାୟକ ପ୍ରାର୍ଥୀ ଅମରସିଂ ଟୁଡୁ, ଧନେଶ୍ୱର ମହାନ୍ତ, ଦୀପକ ମିଶ୍ର, ଖେଳାରାମ ଟୁଡୁ, ଯୁବନେତା ଗଣେଶ ମିଶ୍ର, ଛାତ୍ର ନେତା ସୁଶୀଲ ସେଠୀ, ସିଦ୍ଧର୍ଥ ପାତ୍ର, ବାରିପଦା ବୃଦ୍ଧାଶ୍ରମର କର୍ମକର୍ତା ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ପ୍ରସାଶନ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ବାରିପଦା ବୃଦ୍ଧାଶ୍ରମରେ ରହିବାର ସମସ୍ତ ବନ୍ଦୋବସ୍ତ କରାଯାଇଥିଲା । ଏହିଭଳି ପରିବାର ଦ୍ୱାରା ଉପେକ୍ଷିତ ହୋଇ ଅସହାୟ ଅବସ୍ଥାରେ କାଳାତିପାତ କରୁଥିବା ଲୋକଙ୍କୁ ସାହାର୍ଯ୍ୟର ହାତ ବଢାଇବା ବିଜେଡିକର୍ମମର୍ତାଙ୍କର ମୁଖ୍ୟ କର୍ତବ୍ୟ ବୋଲି ଉପସ୍ଥିତ ନେତୃମଣ୍ଡଳି ପ୍ରକାଶ କରିଥିଲେ । ଏଭଳି ଲୋକଙ୍କ ଖବର ପାଇଲେ ସୂଚନା ପ୍ରଦାନ କରିବାକୁ ଅନୁରୋଧ ଜଣାଇଛନ୍ତି ଉପସ୍ଥିତ ବିଜେଡି ନେତା ମାନେ ।

କରୋନା ଯୋଦ୍ଧାଙ୍କୁ ଅସମ୍ମାନ : ଜଳେଶ୍ୱର ଥାନା ଅଧିକାରୀଙ୍କ ବିରୋଧରେ ମହିଳାଙ୍କ ଅଭିଯୋଗ

ଜଳେଶ୍ୱର,୨୦।୭ (ନି.ପ୍ର): ସରକାର କରୋନା ଯୋଦ୍ଧାମାନଙ୍କୁ ସମ୍ମାନର ସହ ସମସ୍ତ ସହାୟତା ଯୋଗାଇ ଆସୁଥିବା ବେଳେ ଜଣେ କରୋନା ଯୋଦ୍ଧା ଆଉ ଜଣେ କରୋନା ଯୋଦ୍ଧାକୁ ଅସମ୍ମାନ ଓ ହଇରାଣ କରିବା ଜଳେଶ୍ୱର ଅଂଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଜଣେ କର୍ତ୍ତବ୍ୟରତ ପୁଲିସ୍ ଅଧିକାରୀ ସ୍ୱାସ୍ଥ୍ୟବିଭାଗର କର୍ମଚାରୀଙ୍କୁ ଅସ୍ରାବ୍ୟ ଭାଷାରେ ଗାଳିଗୁଲଜ ଅଭିଯୋଗକୁ ନେଇ ଜଳେଶ୍ୱର ଅଂଚଳରେ ଆଲୋଚ୍ୟର ବିଷୟ ହୋଇଛି । ମହିଳା ଜଣକ ନ୍ୟାୟ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ, ଜିଲାପାଳ, ଏସ୍‌ପି, ସିଡିଏମ୍‌ଓ , ଏସ୍‌ଡିପିଓଙ୍କୁ ନିବେଦନ କରିଛନ୍ତି । ଘଟଣାରୁ ପ୍ରକାଶ ଗତ ୨୦ତାରିଖରେ ନାମ୍ପୋ ଗ୍ରାମର ଜୟଶ୍ରୀ ଜେନା ନାମକ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ଜଳେଶ୍ୱର କଣ୍ଟେନ୍‌ମେଣ୍ଟ ଜୋନ୍‌ରେ କାର୍ଯ୍ୟକରିବାପାଇଁ ସକାଳ ୮ଟା ବେଳେ ଆସୁଥିବା ବେଳେ ୬୦ନଂ ଜାତୀୟ ରାଜପଥ ବାଇପାସ୍ ନିକଟ ଯାଞ୍ଚ ଗେଟ୍‌ଠାରେ ଜଳେଶ୍ୱର ଆଇଆଇସି ଧନେଶ୍ୱର ସାହୁ ତାଙ୍କୁ ଅଟକାଇଥିଲେ । ସେ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ କାର୍ଯ୍ୟକରିବାକୁ ଯାଉଥିବାର କହିଥିଲେ ମଧ୍ୟ ଆଇଆଇସି ତାଙ୍କୁ କଟୁକ୍ତି କରିବା ସହିତ ତାଙ୍କ ଗାଡିର ଚାବି ନେଇଯାଇଥିଲେ । ଏ ସଂପର୍କରେ ଶ୍ରୀମତୀ ଜେନା ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ନ୍ୟାୟ ଭିକ୍ଷା କରିଛନ୍ତି । ଏ ସଂପର୍କରେ ଆଇଆଇସିଙ୍କ ମତାମତ ଲୋଡିବାରୁ ସେ କହିଲେ ତାଙ୍କ ଆଇକାର୍ଡ ଦେବାରେ ବିଳମ୍ବ ହେବାରୁ ଅନ୍ୟଜଣେ ସ୍ୱାସ୍ଥ୍ୟକର୍ମୀ ତାଙ୍କ ପରିଚୟ ଦେଇ ନେଇ ଯାଇଥିଲେ ।

ପାରାଦ୍ୱୀପରେ କୋରୋନା ସଂକ୍ରମଣ ପାଇଁ ଆଇଓସିଏଲକୁ ଦାୟି କଲା ବିଜେଡି

ସଂକ୍ରମିତଙ୍କୁ ୧୦ଲକ୍ଷ ଓ ମୃତକଙ୍କ ପାଇଁ ୧କୋଟି କ୍ଷତିପୂରଣ ଦାବିକଲା ଦଳ



ପାରାଦ୍ୱୀପ ,୨୧।୭ (ନି.ପ୍ର): ପାରାଦ୍ୱୀପ ଅଞ୍ଚଳରେ କୋରୋନା ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି । ଏହି ସଂକ୍ରମଣ ବୃଦ୍ଧି ପଛରେ ଆଇଓସିଏଲ ଦ୍ୱାରା ନିଯୁକ୍ତ ନିର୍ମାଣକାରୀ ସଂସ୍ଥାମାନେ ଦାୟୀବୋଲି ଅଭିଯୋଗ କରିଛନ୍ତି ପାରାଦ୍ୱୀପ ନଗର ବିଜୁ ଜନତା ଦଳ ସଭାପତି ବସନ୍ତ ବିଶ୍ୱାଳ । ପାରାଦ୍ୱୀପ, ବିଜୟଚନ୍ଦ୍ରପୁର, ଉଦୟବିହାର ଏବଂ ହୋଟେଲ ଆଇଷ୍ଟ୍ରୋକ୍ରାଟ୍ ପ୍ରଭୃତି ଅଞ୍ଚଳର କୋରୋନା ପଜିଟିଭ ଚିହ୍ନଟ ପରେ ଏହା ସ୍ପଷ୍ଟ ହୋଇଛି । ଏହାପରେ ମଧ୍ୟ ଏଲ୍‌ଆଣ୍ଡଟି କମ୍ପାନୀ ପାରାଦ୍ୱୀପ ସହର ଅଞ୍ଚଳରେ ବାହାର ରାଜ୍ୟର ଶ୍ରମିକ ମାନଙ୍କୁ ଆଣି ରଖିଛି । ପୋସ୍କୋ ବିଲଡିଂ, ପଦ୍ମାହୋଟେଲ, ତାରିଣୀଗଡା ଅଞ୍ଚଳ, ପାରାଦ୍ୱୀପ ଗଡ ଅଞ୍ଚଳରୁ ସଙ୍କ୍ରମିତ ଚହ୍ନଟ ହେବା ଚିନ୍ତାଜନକ ବିଷୟ ବୋଲି ଦଳ ଅଭିଯୋଗ କରିଛି। ପାରାଦ୍ୱୀପରେ କୋରୋନା ସଂକ୍ରମଣ କରାଇଥିବା ଏଲ୍‌ଆଣ୍ଡଟି ଓ ଆଇଓସିଏଲ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ୧୧ଦଫା ଦାବୀପତ୍ର ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । କୋରୋନା ସଙ୍କ୍ରମଣ ବନ୍ଦ ନହେବା ପର୍ଯ୍ୟନ୍ତ ଆଇଓସିଏଲ ସମସ୍ତ ନିର୍ମାଣ କାର୍ଯ୍ୟ ଓ ମରାମତି କାର୍ଯ୍ୟ ସଟଡାଉନ କରିବା, ଏଲ୍‌ଆଣ୍ଡଟି କମ୍ପାନୀ ସମସ୍ତ କାର୍ଯ୍ୟ ଓ ସଂସ୍ଥାକୁ ପାରାଦ୍ୱୀପ ଅଞ୍ଚଳରେ କଳାତାଲିକାଭୁକ୍ତ କରିବା ସହ ସହରରୁ ବିତାଡିତ କରିବା, ପ୍ରବଳ ଜନଗହଳି ମଧ୍ୟରେ ଥିବା ଅଠରବାଙ୍କୀ ମାର୍କେଟ କମ୍ପେକ୍ସରେ କ୍ୱାରେନ୍‌ଟାଇନ୍ ସେଣ୍ଟର ବନ୍ଦ କରିବା, ହୋଟେଲ ଆଇଷ୍ଟ୍ରୋକାଟ୍ କୁ କଳା ତାଲିକାଭୁକ୍ତ କରିବା ସହ ସମ୍ପୂର୍ଣ୍ଣ ଲକଡାଉନ୍ କରିବା, ପାରାଦ୍ୱୀପରେ କୋରୋନା ସଂକ୍ରମଣ ପାଇଁ ଦାୟୀ ଆଇଓସିଏଲକୁ ୧୦୦କୋଟି ଟଙ୍କା ଆର୍ଥିକ ଦଣ୍ଡ କରିବା, ଏହି ଆଦାୟ ଅର୍ଥକୁ ଏ ଅଞ୍ଚଳରେ କୋରୋନା ମହାମାରୀ ମୁକାବିଲା ପାଇଁ ଖର୍ଚ୍ଚ କରିବା ସହ କୋରୋନା ଯୋଦ୍ଧାଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରିବା, ଏ ଅଞ୍ଚଳର ସଂକ୍ରମିତ ରୋଗିଙ୍କୁ ୧୦ଲକ୍ଷ ଓ ମୃତକଙ୍କୁ ୧କୋଟି ପ୍ରଦାନ କରିବା, ଆଇଓସିଏଲ, ଏଲ୍‌ଆଣ୍ଡଟି ଓ ଅନ୍ୟସଂସ୍ଥାମାନେ ପାରାଦ୍ୱୀପ, କୁଜଙ୍ଗ ଓ ଆଖପାଖ ଅଞ୍ଚଳକୁ ବିଶୋଧନ କରିବା ସହ ସମସ୍ତ ଅର୍ଥ ଖର୍ଚ୍ଚ କରିବା,ଆଇଓସିଏଲ ସମେତ ଅନ୍ୟ ସଂସ୍ଥା ବାହାର ରାଜ୍ୟରୁ ଶ୍ରମିକମାନଙ୍କୁ ଆଣିବା ବନ୍ଦ କରିବା, ପାରାଦ୍ୱୀପରୁ ସମସ୍ତ ବାହାର ରାଜ୍ୟରୁ ଆସିଥିବା ଶ୍ରମିକ ମାନଙ୍କୁ ବାହାର କରିବା ସହିତ ପୋସ୍କୋ ବିଲଡିଂକୁ ଖାଲି କରିବା, ଆଇଓସିଏଲ ଅଧିକାରୀ ଓ ଏଲ୍‌ଆଣ୍ଡଟି ଅଧିକାରୀଙ୍କ ବିରୁଦ୍ଧରେ ଦୃଢକାର୍ଯ୍ୟାନୁଷ୍ଠାନ ପାଇଁ ଦଳ ଦାବୀ କରିଛି । ଏହି ଦାବୀପତ୍ର ପ୍ରଦାନ ସମୟରେ ଦଳୀୟ ନେତା ଓ ନେତ୍ରୀମାନେ ଉପସ୍ଥିତ ରହି ଦାବୀ ପତ୍ର ପ୍ରଦାନ କରିଥିଲେ ।

ବର୍ଷାଜଳ ନିଷ୍କାସନରେ ରେଳ ବିଭାଗର ଚରମ ଅବହେଳା

ଜିଲ୍ଲା ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

ବାଲେଶ୍ୱର,୨୧।୭ (ନି.ପ୍ର): ତାମୁଲିଆ ଓଭରବ୍ରିଜ୍ ଠାରୁ ବର୍ଷାଜଳ, ଅଙ୍ଗାରଗଡ଼ିଆ, ଶୋଭାରାମପୁର, ଗୋଡ଼ିପଦା ଅଞ୍ଚଳରେ ପ୍ରବାହିତ ହୋଇ ବାଲେଶ୍ୱରରୁ ରେମୁଣାକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ସୁରଜ ହୋଟେଲ୍ ନିକଟରେ ଥିବା ପୋଲଦେଇ ଲୁଣିଆଯୋଡ଼ିକୁ ପ୍ରବେଶ କରିଥାଏ । ପ୍ରବଳ ବର୍ଷା ହେବା ଦିନମାନଙ୍କରେ ଏହି ଜଳ ନିଷ୍କାସନ ହୋଇନପାରି ଉପରୋକ୍ତ ଅଞ୍ଚଳର ବାସିନ୍ଦାମାନଙ୍କ ଘରକୁ ବର୍ଷାଜଳ ପ୍ରବେଶ କରିଥାଏ । ସୁରଜ୍ ହୋଟେଲଠାରୁ ନୂଆସାହି ଛକ ପର୍ଯ୍ୟନ୍ତ ମୁଖ୍ୟ ସଡ଼କ ଉପରେ ବର୍ଷାଜଳ ପ୍ରବାହିତ ହେବା ଫଳରେ ଏହି ସଡ଼କରେ ଯାତାୟତ କରୁଥିବା ଗାଡ଼ିମୋଟର ଦୀର